ବର୍ଷ-୨୪, ସଂଖ୍ୟା-୨୯୯
ଭୁବନେଶ୍ୱର
୦୩ ଡିସେମ୍ବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 299
Bhubaneswar
03 December, 2024 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅଭିନେତ୍ରୀ ଶୋଭିତା ସୁବନ୍ନାଙ୍କ ମୃତଦେହ ଉଦ୍ଧା



କୋଣାର୍କ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ମଣିପୁରୀ ନୃତ୍ୟ ଦର୍ଶକଙ୍କୁ କରୁଛି ମତୁଆଲା ।

## ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ

**ଭୁବନେଶ୍ୱର,୨।୧୨(ମହାଭାରତ):** ଦକ୍ଷିଣ ଓଡିଶା ବିକାଶ ପରିଷଦ' ଗଠନ କରିବା ପାଇଁ ରାଜ୍ୟ ସରକାର ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି । ଓଡିଶାର ଦକ୍ଷିଣାଞ୍ଚଳର ବିକାଶ ସହିତ ବିକାଶ ପ୍ରକ୍ରିୟାରେ ସବୁ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ପରିଷଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ଏକ ବିବୃତି ପ୍ରଦାନ କରି ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ, ଏହି ବିକାଶ ପରିଷଦ କିପରି ଗଠିତ ହେବ, ଏଥିରେ କେଉଁ ଜିଲ୍ଲା ଓ ବ୍ଲକ ସାମିଲ ହେବ ଏବଂ ଏହାର ଢାଂଚା ଓ କାର୍ଯ୍ୟପ୍ରଣାଳୀ କଣ ରହିବ, ସେ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବା ପାଇଁ ଏହି ଟାସ୍କ ଫୋର୍ସ ଗଠନ କରାଯାଇଛି । ଗଠନ ହେବାର ୩୦ ଦିନ ମଧ୍ୟରେ ଏହି ଟାସ୍କ ଫୋର୍ସ ରିପୋର୍ଟ ଦାଖଲ କରିବ ।ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଏହା ଗଠନ କରାଯାଇଛି ।

ଏହାର ସଦସ୍ୟମାନେ ହେଲେ ବାଣିଜ୍ୟ ଓ



ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ଗୋକୁଳାନନ୍ଦ ମଲ୍ଲିକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ରହିଥିବାବେଳେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ । ଏହା ସହିତ ୩ ଜଣ ଏକ୍ସ ଓଫିସିଓ ମେମ୍ବର ମଧ୍ୟ ରହିଛନ୍ତି । ସେମାନେ ହେଲେ ଆରଡିସି ସାଉଦର୍ନ ଡିଭିଜନ ଆରଡିସି ସେଂଟ୍ରାଲ ଡିଭିଜନ ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଏହାର ସଦସ୍ୟ ଆବାହକ ଅଛନ୍ତି ।

## ଆଜିଠୁ ୫ ଦିନିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

**ଭୁବନେଶ୍ୱର,୨।୧୨(ମହାଭାରତ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସିବେ । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ବ୍ୟାପକ ପ୍ରସ୍ତୁତି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ୩ ଦିନିଆ ଗସ୍ତ ଶେଷକରି ଗତକାଲି ଓଡ଼ିଶା ଛାଡ଼ିଥିବାବେଳେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତାକାଲିଠୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ କଟକଣା ମଧ୍ୟ ଜାରି ହୋଇଛି । ଏନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ଜାରି କରାଯାଇଛି ।

ଆସନ୍ତାକାଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅପରାହ୍ନ ୨ଟା ୩୦ମିନିଟ ସମୟରେ ରାଷ୍ଟ୍ରପତି ଭବନରୁ ବାହାରି ପାଲାମ୍ ବିମାନବନ୍ଦରରୁ ସ୍ୱତନ୍ତ୍ର ବାୟୁସେନାର ବିମାନ ଯୋଗେ ବାହାରି ସନ୍ଧ୍ୟା ୫ଟା ସମୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ । ବିମାନବନ୍ଦରରୁ ୫.୧୦ ରେ ବାହାରି ୫.୩୦ମିନିଟ ରେ ନିଳାଦ୍ରୀବିହାର ଚନ୍ଦ୍ରଶେଖରପୁର ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉଦଘାଟନୀ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି । ସେଠାରୁ ସନ୍ଧ୍ୟା ୬ଟା ୧୦ମିନିଟରେ ବାହାରି ଭୁବନେଶ୍ୱର ସ୍ଥିତ ରାଜଭବନ ପହଞ୍ଚି ରାତ୍ରୀଯାପନ କରିବେ ରାଷ୍ଟ୍ରପତି ।

ରାଷ୍ଟ୍ରପତି ୪ ତାରିଖ ସକାଳ ୯ଟାରେ ରାଜଭବନରୁ ବାହାରି ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ପୂର୍ବାହ୍ନ ୯ଟା ୪୫ମିନଟରେ ପୁରୀ ତାଳବଣିଅ । ହେଲିପ୍ୟାଡରେ ଅବତରଣ ପରେ ୧୦ଟା ସମୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି ।



ଏହାପରେ ୧୦.୫୦ରେ ପୁରୀ ସ୍ଥିତ ଶ୍ରୀଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ । ମଧ୍ୟାହ୍ନ ୧୨ଟାରେ ସେଠାରୁ ବାହାରି ପୁରୀ ରାଜଭବନ ଠାରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୩ଟା ୩୦ମିନିଟ ସମୟରେ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି । ୪ତାରିଖ ଦିନ ପୁରୀ ରାଜଭବନ ଠାରେ ରାଷ୍ଟ୍ରପତିଙ୍କ ରାତ୍ରୀଯାପନ କରିବାର କାର୍ଯ୍ୟକ୍ରମ ରହିଛି ।

୫ ତାରିଖ ସକାଳ ୯ଟା ୩୫ମିନିଟ ସମୟରେ ପୁରୀରୁ ବାହାରି ପୂର୍ବାହ୍ନ ୧୦ଟା ୩୦ମିନିଟ ସମୟରେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦର ପହଞ୍ଚିବା ପରେ ୧୦ଟା ୫୦ମିନିଟରେ 'ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ର ୪୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି । ମଧ୍ୟାହ୍ନ ୧୨ଟାରେ ସେଠାରୁ ବାହାରି ରାଜଭବନରେ ମଧ୍ୟାହ୍ନ ଭୋଜନ କରିବାପରେ ସଂନ୍ଧ୍ୟା ୫ଟା ୧୦ମିନିଟରେ ଭୁବନେଶ୍ୱର ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି । ସନ୍ଧ୍ୟା ୬ ଟା ୩୦ମିନିଟରେ ସେଠାରୁ ବାହାରି ରାଜଭବନ ଠାରେ ରାତ୍ରୀଯାପନ କରିବେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ।

ଠିକ୍ ସେହିପରି ୬ ତାରିଖ ଶୁକ୍ରବାର ଦିନ ସକାଳ ୯ଟାରେ ରାଜଭବନରୁ ବାହାରି ରାଷ୍ଟ୍ରପତି ଡକ୍ଟର ବି.ଆ।ର୍.ଆ।ମ୍ବେଦକରଙ୍କ ମହାପ୍ରୟାଣ ଦିବସ ଅବସରରେ ଭୁବନେଶ୍ୱର ଏ.ଜି.ଛକ ଠାରେ ବାବା ସାହେବଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରିବେ । ଏହାପରେ ପୂର୍ବାହ୍ନ ୯.୧୫ମିନିଟ ସମୟରେ ବିଜୁପଟ୍ଟନାୟକ ବିମାନ ବନ୍ଦରରୁ ବାୟୁସେନାର ବିମାନ ଯୋଗେ ପଶ୍ଚିମବଙ୍ଗ ସ୍ଥିତ କଲେଇକୁଣ୍ଡା ଏୟାରବେସରେ ୧୦.୧୫ମିନିଟ ସମୟରେ ଅବତରଣ ପରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୟୂରଭଞ୍ଜ ଜିଲ୍ଲାର (ପୃଷ୍ଠା-୮)

## ଗୁଗୁଲକୁ ତଥ୍ୟ ମାଗିଲା କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର,୨।୧୨(ମହାଭାରତ):** ଡିଜିପି ସମ୍ମିଳନୀରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଭୁବନେଶ୍ୱର ଗସ୍ତବେଳେ ଆନ୍ତର୍ଜାତିକ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁର ଧମକପୂର୍ଣ୍ଣ ଇ-ମେଲ ଘଟଣାକୁ ଗୁରୁତର ସହ ନେଇଛି କ୍ରାଇମବ୍ରାଞ୍ଚ । ଆଜି ଏ ନେଇ ଗୁଗୁଲକୁ ଚିଠି ଲେଖିଛି କ୍ରାଇମବ୍ରାଞ୍ଚ ଏସଟିଏଫ୍ । କେଉଁ ଆଇପି



ଆଡ୍ରେସରୁ ପନ୍ନୁର ଇ-ମେଲରୁ ଅଡିଓ ଆ।ସିଥିଲା ସେନେଇ ତଥ୍ୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ଆବଶ୍ୟକ ପଡ଼ିଲେ ଏନଆଇଏ ଘଟଣାରେ ତଦନ୍ତ କରିପାରେ ବୋଲି ଜଣାପଡିଛି ।

ଭୁବନେଶ୍ୱରରେ ଡିଜି ସମ୍ମିଳନୀ ଚାଲିଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଏକ ଧମକପୂର୍ଣ୍ଣ ମେଲ ପଠାଇଥିଲା ଖଲିସ୍ତାନୀ ଆତଙ୍କୀ ପନ୍ନୁ । ଯେଉଁଥିରେ ଖଲିସ୍ତାନୀ ଆ।ତଙ୍କୀ ପନ୍ନୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଟାର୍ଗେଟ କରିଥିଲା । ଗତ ରବିବାର ଦିନ ଭୁବନେଶ୍ୱର ବିମାନ ବନ୍ଦରରୁ ଉଡ଼ାଣ ନ ଭରିବାକୁ ଇ-ମେଲ୍ ରେ ଅଡିଓ ମେସେଜ କରି ଚେତାବନୀ ଦେଇଥିଲା ଖଲିସ୍ତାନୀ ଆ।ତଙ୍କୀ ପନ୍ନୁ । ଏଥିସହ ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଧମକ ଦେବାସହ ଭିଡିଓ ଜାରି କରି ଭୁବନେଶ୍ୱରକୁ "CITY OF TERROR' । ପନ୍ନୁର ଧମକ ପୂର୍ଣ୍ଣ ଇ-ମେଲ ଆ।ସିବା ପରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ପୁଲିସ କମିଶନରେଟଙ୍କୁ ଜଣାଇଥିଲେ । ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଆ।ରମ୍ଭ କରିଥିଲା ।

## ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍ଆଇକୁ ଚିଠି

**ପୁରୀ,୨।୧୨(ମହାଭାରତ):** ପୁରୀ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଏଏସ୍ଆଇକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁଣି ଚିଠି ଲେଖାଯାଇଛି । ସମଗ୍ର ରତ୍ନଭଣ୍ଡାର, ରକ୍ଷଣାବେକ୍ଷଣ ଓ ସଂରକ୍ଷଣପାଇଁ ଏହି ଚିଠିରେ ଏଏସ୍ଆଇକୁ ଅନୁରୋଧ କରାଯିବା ସହିତ ମରାମତି ବେଳେ ଶ୍ରୀଜିଉଙ୍କ ନୀତିକାନ୍ତି ଓ ଦର୍ଶନ ଯେଭଳି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ଏହି ଚିଠିରେ ଏଏସ୍ଆଇାକୁ କୁହାଯାଇଛି । ଜିପିଆର-ଜିପିଏସ୍ ସର୍ଭେ ରିପୋର୍ଟ ମିଳିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏଏସ୍ଆଇକୁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଥିଲା, କିନ୍ତୁ ଏ ପର୍ଯ୍ୟନ୍ତ ଏହି କାର୍ଯ୍ୟ ହାତକୁ ନିଆଯାଇ ନଥିବାରୁ ପୁନର୍ବାର ଦ୍ୱିତୀୟଥର ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏଏସ୍ଆଇକୁ ଜଣାଇଛି । ଆଜି ନିର୍ଦ୍ଦିଷ୍ଟ ତିଥିରେ ସବୁଆଡ଼େ ରଥଯାତ୍ରା ପାଳନ କରିବାକୁ ଏକ ଉଚ୍ଚସ୍ତରୀୟ ବୈଠକ ପୁରୀଠାରେଅନୁଷ୍ଠିତ ହୋଇଥିଲା । ଗଜପତି ମହାରାଜାଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସକ, ଇସ୍କନ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ପୁରୀ ବେଳାଭୂମିରେ ନୌସେନା ଦିବସ ଦେଖିବେ ବିଧାୟକ

**ଭୁବନେଶ୍ୱର,୨।୧୨ (ମହାଭାରତ) :** ଆ।ସନ୍ତା ୪ ତାରିଖରେ ପୁରୀ ବେଳାଭୂମିରେ ରଣକୌଶଳ ଓ ଶକ୍ତି ପ୍ରଦର୍ଶନ କରିବ ଭାରତୀୟ ନୌସେନା । ଏହି ନୌସେନା ଦିବସରେ ସବୁ ଦଳର ବିଧାୟକ ମାନେ ପୁରୀ ଯିବେ ବୋଲି ବାଚସ୍ପତି ସୁରମା ପାଢ଼ୀ ଆଜି ଗୃହରେ ଘୋଷଣା କରିଛନ୍ତି । ବିଧାୟକମାନେ ମଧ୍ୟାହ୍ନ ୧୨ଟା ୩୦ରେ ବିଧାନସଭା ପରିସରରେ ମଧ୍ୟାହ୍ନଭୋଜନ କରି ପୁରୀରେ ହେଉଥିବା ନୌସେନା ଦିବସ କାର୍ଯ୍ୟକ୍ରମ ଦେଖିବେ ବୋଲି ବାଚସ୍ପତି କହିଛନ୍ତି । ସେମାନେ ଏକ ବସରେ ପୁରୀ ଯାଇଁ ଆମ ସେନାବାହିନୀର ରଣକୌଶଳ ଓ ଶକ୍ତି ପ୍ରଦର୍ଶନ ଦେଖିବା ପରେ କୋଣାର୍କ ଯାଇ ସେଠାରେ କୋଣାର୍କ ମହୋତ୍ସବ ଦେଖି ପୁଣି ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ରହିଛି । ଭାରତୀୟ ନୌସେନା ଦିବସ ପାଳନ ନେଇ ପୁରୀ ବେଳାଭୂମିରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଥିରେ ୧୫ଟି ଜାହାଜ, ୪୦ ଏୟାରକ୍ରାଫ୍ଟ ସାମିଲ ହୋଇ ରଣକୌଶଳ ଦେଖାଇବେ । କାର୍ଯ୍ୟକ୍ରମରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ପୁରୀ ଗଜପତି ମହାରାଜାଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ସେ ବି ଏଥିରେ ଯୋଗ ଦେଇ ପାରନ୍ତି ।

## ୩ ମାସରେ ୧୨୫ କୋଟିର ସାଇବର ଠକେଇ

**ଭୁବନେଶ୍ୱର,୨।୧୨(ମହାଭାରତ):** ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶାସକ ଓ ବିରୋଧୀ ସଭ୍ୟଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଛନ୍ତି । ଭିଜିଲାନ୍ସ, ସାଇବର ଠକେଇ, ପୋଲିସ ବିଭାଗରେ ପଦବୀ ଖାଲି, ଅପରାଧିକ ମାମଲା ଓ ଅତିରିକ୍ତ ଖର୍ଚ୍ଚ ଦାବି ଆ।ଲୋଚନାରେ ନିଜର ବିବୃତ୍ତି ଗୃହରେ ରଖିଛନ୍ତି ।

ବିଜେଡି ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନରେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଆଜି ଗୃହରେ ଏହି ଲିଖିତ ଉତ୍ତର ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କ୍ଷମତାକୁ ଆସିବାର ୫ ମାସ ଭିତରେ ୯୦ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଛି ଭିଜିଲାନ୍ସ ମାମଲା । ରାଜସ୍ୱ ବିଭାଗର ସର୍ବାଧିକ ୨୦ ଅଧିକାରୀ ଏବଂ ପଂଚାୟତିରାଜ ବିଭାଗର ୧୮ ଅଧିକାରୀଙ୍କ ବିରୋଧରେ ମାମଲା ହୋଇଛି ।

ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନରେ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସାଇବର ଲୁଟେରା ମାତିଛନ୍ତି । ସଚେତନତା ଅଭାବରୁ ଲୋକେ ସାଇବର



### ଖାଲିପଡ଼ିଛି ୧୩,୩୭୩ ପୋଲିସ ପଦବୀ
### ଜୁନରୁ ନଭେମ୍ବର ୫୦୯ ଦୁଷ୍କର୍ମ ମାମଲା ରୁଜୁ
### ୫ ମାସରେ ୯୦ ସରକାରୀ ବାବୁଙ୍କ ବିରୋଧରେ ମାମଲା
### ୨୦୨୬ ସୁଦ୍ଧା ମାଓମୁକ୍ତ ହେବ ଓଡ଼ିଶା

ଠକେଇର ଶିକାର ହେଉଛନ୍ତି । ଗତ ୩ ବର୍ଷ ମଧ୍ୟରେ ସାଇବର ଲୁଟେରା ୧୨୫ କୋଟି ଲୁଟି ନେଇଛନ୍ତି । ଏନେଇ ୬ ହଜାର ୩୬୮ଟି ମାମଲା ରୁଜୁ ହୋଇଛି ।ଅଭିଯୋଗ ଆ।ଧାରରେ ୧୩୮ ଜଣ ଲୁଟେରା ଗିରଫ ହୋଇଛନ୍ତି । ଏହା ସହିତ ଲୁଟ୍ ହୋଇଥିବା ଲୋକଙ୍କର ୨ କୋଟି ୫୨ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି । ୨୦୨୩ ମସିହାରେ ଦାଏର ହୋଇଥିବା ୨୩୪୮ ଟି ମାମଲା ଆ।ଧାରରେ ୫୨୨ ଜଣ ଗିରଫ ହୋଇଛନ୍ତି । ମୋଟ ୪୭ କୋଟି ୯୪ ଲକ୍ଷ ଟଙ୍କା ସାଇବର ଅପରାଧୀଙ୍କ ଦ୍ୱାରା ଲୁଟ୍ ହୋଇଛି । ରାଜ୍ୟ ସରକାର ଏନେଇ ଦୃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏପରି ଘଟଣାକୁ କିପରି ରୋକିହେବ ଏବଂ ଲୋକଙ୍କୁ ସଚେତନ କରିବା ନେଇ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ପ୍ରଦାନ କରିଛନ୍ତି ।

ପ୍ରଶାନ୍ତ ଜଗଦ୍ଦେବଙ୍କ ପକ୍ଷରୁ ପଚରାଯାଇଥିବା ପ୍ରଶ୍ନ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ପୁଲିସ ବିଭାଗରେ ୧୩ ହଜାର ୩୭୩ (ପୃଷ୍ଠା-୮)

## ଆଳୁ ନେଇ ଗୃହରେ ବିରୋଧୀଙ୍କ ପ୍ରଶ୍ନବାଣ

**ଭୁବନେଶ୍ୱର,୨।୧୨(ମହାଭାରତ):** ରାଜ୍ୟରେ ଆଳୁ ଅଭାବ କାରଣରୁ ଅହେତୁକ ଦର ବୃଦ୍ଧି ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଛି । ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ, ସରକାର ଏବେ ଆଳୁ, ସରକାର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ପ୍ରତିକ୍ରିୟା ଦେଉଛନ୍ତି । ମନ୍ତ୍ରୀ କାଲି କହିଲେ ମୁଁ ୩୦ ଟଙ୍କାରେ ଆଳୁ କିଣିଛି, ସେ କେଉଁ ଦୋକାନରୁ କିଣିଲେ ଆଜି ୬୦ ଟଙ୍କା କିଲୋ ହୋଇଗଲା । ସରକାର କେବଳ ନାନାବାୟା କଥା କହୁଛନ୍ତି । କଣ ପଦକ୍ଷେପ ନେଇଛନ୍ତି ଜଣାନ୍ତୁ ।

ସେ କହିଛନ୍ତି ଯେ ସରକାର କେତେବେଳେ କହୁଛନ୍ତି ଆଳୁ ଟ୍ରେନରେ ଆସୁଛି । କଣ ଡବଲ ଇଂଜିନ ସରକାର ଟାଣି ପାରୁନାହିଁ । ଆପଣଂକ ଡବଲ ଇଂଜିନ ସରକାର ହୋଇ କାହିଁକି ଇଂଜିନ ଟାଣିପାରୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ, କାହାକୁ ଚିଠି ଲେଖିଛନ୍ତି ? ସ୍ପଷ୍ଟୀକରଣ ଦିଅନ୍ତୁ ସରକାର ? ଉତ୍ତର ପ୍ରଦେଶରୁ ଆଳୁରେ ୫୦ କେଜିରେ ୧୦ କେଜି ଆଳୁ ପଚା ବାହାରୁଛି ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ରାଜ୍ୟ ସରକାର ଯେଉଁ ଡବଲ ଇଞ୍ଜିନ ସରକାର କହୁଛନ୍ତି କିନ୍ତୁ ତାହା କେଉଁଠି ପୋଡ଼ି ଗଲା । ଦରବୃଦ୍ଧି ନ କହିଲେ ସରେ ।ଦରଦାମ ଅହେତୁକ ବୃଦ୍ଧି ହେଲାଣି ବିଭିନ୍ନ ସାମଗ୍ରୀର ।ଆଜି ୬୦ ଛୁଇଁ ଲାଣି । କାଲିକୁ ଆହୁରି ବଢ଼ି ଚାଲିବ ।ଖାଉଟି ବିଭାଗ ଚୁପ୍ ବସିବା ଦୁର୍ଭାଗ୍ୟ ।ଖାଲି ଶସ୍ତା ଷ୍ଟେଟ ମେଣ୍ଟ ।ପଶ୍ଚିମବଙ୍ଗ ସରକାର ସହିତ ଆମ ସରକାର ବୋଧେ କିଛି ବିବାଦ ଅଛି ଯାହା ପାଇଁ ଆମେ କଷ୍ଟ ଭୋଗୁଛୁ ।କିନ୍ତୁ ସରକାର ଖାଉଟି ଙ୍କୁ ଦୁଇ ଦିନ ମଧ୍ୟରେ ଆଶ୍ୱସ୍ତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

## ଆସିଲା ଆଳୁ : ଟ୍ୱିନ୍ ସିଟିରେ ଚଢ଼ାଉ

**ଭୁବନେଶ୍ୱର,୨।୧୨(ମହାଭାରତ):** ରାଜ୍ୟରେ ଆଳୁ ସଙ୍କଟ ଜାରି ରହିଥିବାବେଳେ ଚଢ଼ା ଦରରେ ଆଳୁ ବିକ୍ରି କରାଯାଉଥିବା ଅଭିଯୋଗ ଆ।ଧାରରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । କଟକ ଛତ୍ରବଜାରର ବିଭିନ୍ନ ଦୋକାନ ଓ ଗୋଦାମରେ ଚଢ଼ଉ କରାଯାଇଛି । ସେହିପରି ଭୁବନେଶ୍ୱର ୪ ନମ୍ବର ମାର୍କେଟରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଯୋଗାଣ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର କହିଛନ୍ତି, ଲୋକେ ଆ।ଳୁ ଦର ବଢ଼ିଯିବା ଆ।ଶଙ୍କାରେ ଲୋକେ ଅଧିକ ପରିମାଣରେ ଆଳୁ କିଣୁଛନ୍ତି । ଆ।ଳୁ ବଜାରରେ ଆ।ବଶ୍ୟକ ପରିମାଣରେ ଆ।ଳୁ ମହଜୁଦ୍ ରହିଛି । ଆଜି ସକାଳେ ଉତ୍ତରପ୍ରଦେଶରୁ ଗୋଟିଏ ଟ୍ରକ୍ ଆ।ଳୁ କଟକ ଛତ୍ର ବଜାରରେ ପହଞ୍ଚିଥିବା ବେଳେ ୪ଟ୍ରକ୍ ଆ।ଳୁ ପଶ୍ଚିମବଙ୍ଗରୁ ଆସି ପହଞ୍ଚିଛି ।

ଭୁବନେଶ୍ୱରରେ ଆଳୁ ୪୦ ଟଙ୍କାରୁ ଅଧିକ ଦରରେ ବିକ୍ରି କରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ କହିଛନ୍ତି । ଭୁବନେଶ୍ୱର ୪ ନମ୍ବର ମାର୍କେଟରେ ଚଢ଼ଉବେଳେ ଯୋଗାଣ ଅଧିକାରୀ କହିଛନ୍ତି, ୪୦ ଟଙ୍କାରୁ ଅଧିକ ଦରରେ ଆଳୁ ବିକିଲେ ବିକ୍ରେତାଙ୍କୁ ପ୍ରଥମେ ନୋଟିସ ଦିଆଯିବ । ସେ ନୋଟିସରେ କ'ଣ ଜବାବ ଦେବେ ତାହା ଯାଞ୍ଚ କରାଯିବ । ଏହାପରେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ସହିତ ବ୍ୟବସାୟୀଙ୍କୁ ରେଟ୍ ଚାର୍ଟ ଦୋକାନରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।



ଆଜି ସକାଳେ ଉତ୍ତରପ୍ରଦେଶରୁ ଗୋଟିଏ ଟ୍ରକ୍ ଆ।ଳୁ କଟକ ଛତ୍ର ବଜାରରେ ପହଞ୍ଚିଥିବା ବେଳେ ୪ଟ୍ରକ୍ ଆ।ଳୁ ପଶ୍ଚିମବଙ୍ଗରୁ ଆସି ପହଞ୍ଚିଛି । ସେହିପରି ଉତ୍ତରପ୍ରଦେଶରୁ ଭୁବନେଶ୍ୱର ଆ।ଇଗିଣିଆ । ଗୋଦାମରେ ୧୦ରୁ ୧୨ ଟ୍ରକ ଆ।ଳୁ ଟ୍ରକ୍ ପହଞ୍ଚିଛି । ସୋମବାର ସକାଳେ କଟକ ଛତ୍ରବଜାରରେ ଆ।ଳୁ କିଲୋଗ୍ରାମ ପିଛା ୫୦ ଟଙ୍କାରେ ବିକ୍ରି ହେଉଥିଲା । ଏନେଇ ଖବର ପ୍ରକାଶ ପାଇବା ପରେ କଟକ ଛତ୍ରବଜାରରେ ବିଭିନ୍ନ ଦୋକାନ ଓ ଗୋଦାମରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ଉତ୍ତରପ୍ରଦେଶରୁ ରାଜ୍ୟକୁ ୩୦୦ ଟ୍ରକ୍ ଆଳୁ ଆସି ପହଞ୍ଚିଥିବା କୁହାଯାଉଥିଲେ ମଧ୍ୟ ଛତ୍ରବଜାରରେ ଆ।ଳୁ କିଲୋଗ୍ରାମ ପିଛା ୪୫ ଟଙ୍କାରେ ବିକ୍ରି ହେଉଛି ।

ଯୋଗାଣ ବିଭାଗ ଚଡ଼ଉ ପରେ ଆଳୁ ଦର ୫ ଟଙ୍କା କମି ୫୦ ଟଙ୍କାରୁ ୪୫ ଟଙ୍କାରେ ବିକ୍ରି ହେଉଥିବା କୁହାଯାଉଛି ।ସୋମବାର ସକାଳେ ୫ ଟ୍ରକ୍ ଆଳୁ ଗାଡ଼ି ପହଞ୍ଚିଛି । ଉତ୍ତର ପ୍ରଦେଶରୁ ଆସିଥିବା ଆଳୁର ଦର କୁଇଣ୍ଟାଲ ପ୍ରତି ୩୫ରୁ ୩୬ ଶହ ଟଙ୍କା ରହିଛି । ସେହିପରି ପଶ୍ଚିମବଙ୍ଗରୁ ଆ।ସିଥିବା ଆ।ଳୁ କୁଇଣ୍ଟାଲ ପ୍ରତି ୩୭ରୁ ୩୮ ଶହ ଟଙ୍କା ରହିଛି । ୧୦୦୦ କୁଇଣ୍ଟାଲ ଆଳୁ ଷ୍ଟକ୍ ରହିଛି । ଅଧିକ ଟଙ୍କାରେ ଆ।ଳୁ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଓଡ଼ିଶା ବ୍ୟବସାୟୀ ମହାସଂଘ ସାଧାରଣ ସଂପାଦକ ସୁଧାକର ପଣ୍ଡା କହିଛନ୍ତି, ଆ।ଜି ସକାଳେ ୪ ଟ୍ରକ୍ ଆ।ଳୁ ପଶ୍ଚିମବଙ୍ଗ ଓ ଗୋଟିଏ ଟ୍ରକ୍ ଆ।ଳୁ ୟୁପିରୁ ଛତ୍ରବଜାରକୁ ଆ।ସିଛି ସରକାର ୩୦୦ ଟ୍ରକ୍ ଆ।ଳୁ ଟ୍ରକ୍ ୟୁପିରୁ ଆ।ଣିବେ ବୋଲି କହିଛନ୍ତି ଆ।ଜି ବି ସେ ଗାଡ଼ି ପହଞ୍ଚିଯିବ ।

## ୨୦୨୫ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ଇଣ୍ଟରନେଟ୍

**ଭୁବନେଶ୍ୱର,୨।୧୨(ମହାଭାରତ):** ରାଜ୍ୟର ଅନେକ ପଞ୍ଚାୟତରେ ମୋବାଇଲ ଟାୱାର ନ ଥିବା କାରଣରୁ ଲୋକ ମାନେ ସଂଚାର ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହି ପ୍ରସଙ୍ଗକୁ ନେଇ ଆଜି ବିଧାନସଭାରେ ଉଭୟ ଶାସକ ଦଳ ଓ ବିରୋଧୀ ଦଳର ବିଧାୟକ ମାନେ ଉଦବେଗ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ବିଭାଗୀୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ମାର୍ଚ୍ଚ ୨୦୨୫ ସୁଦ୍ଧା ସମସ୍ତ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନା କରିବା ଲକ୍ଷ୍ୟ ନେଇ ମୋହନ ସରକାର କାର୍ଯ୍ୟ କରୁଛନ୍ତି ।



ବର୍ତ୍ତମାନ ରାଜ୍ୟରେ ୪୭ ହଜାର ୯୦୨ ଟି ମୋବାଇଲ ଟାୱାର ଅଛି । ସେଥିରୁ ୧୨ ହଜାର ୬୦୨ଟି ୫ଜି ଟାୱାର ଅଛି । ଅଧିକ ୫ଜି ଟାୱାର ଅପଗ୍ରେଡ କରାଯାଉଛି । ୨୦୨୫ ମାର୍ଚ୍ଚ ସୁଦ୍ଧା ଅନକନେକ୍ଟେଡ୍ ଗାଁକୁ ସେବା ପହଞ୍ଚାଇବା ସରକାର ଲକ୍ଷ୍ୟ ରଖିଛନ୍ତି । ଇଣ୍ଟେରନେଟ ସମସ୍ୟା ଦୂର କରିବାକୁ ଜିଲ୍ଲା ଏଡିଏମଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ ଗଠନ ହୋଇଛି । ଟାୱାର ବସାଇବାକୁ ଜମି ଅଧିଗ୍ରହଣ ନେଇ ଏହି ଟାସ୍କ ଫୋର୍ସ କାମ କରିବ । ସେ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ୪୭ ହଜାର ୯୦୨ ଟି ମୋବାଇଲ ଟାୱାର ଅଛି । ସେଥିରୁ ୧୨ ହଜାର ୬୦୨ଟି ୫ଜି ଟାୱାର ଅଛି । ଅଧିକ ୫ଜି ଟାୱାର ଅପଗ୍ରେଡ କରାଯାଉଛି । ୨୦୨୫ ମାର୍ଚ୍ଚ ସୁଦ୍ଧା ଅନକନେକ୍ଟେଡ୍ ଗାଁକୁ ସେବା ପହଞ୍ଚାଇବା ସରକାର ଲକ୍ଷ୍ୟ ରଖିଛନ୍ତି । ଇଣ୍ଟେରନେଟ ସମସ୍ୟା ଦୂର କରିବାକୁ ଜିଲ୍ଲା ଏଡିଏମଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ ଗଠନ ହୋଇଛି । ଟାୱାର ବସାଇବାକୁ ଜମି ଅଧିଗ୍ରହଣ ନେଇ ଏହି ଟାସ୍କ ଫୋର୍ସ କାମ କରିବ । ପାହାଡ଼ିଆ ଅଞ୍ଚଳରେ ଟାୱାର ସଂଯୋଗୀକରଣ ହୋଇପାରିନାହିଁ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ତଥ୍ୟକୁ ସଠିକ କହିଛନ୍ତି ଆ।ଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ । ରାଜ୍ୟରେ ବିଜେପି ସରକାର ଆ।ସିବା ପରେ ଏନେଇ ପଦକ୍ଷେପମାନ ନିଆଯାଉଛି । ଖୁବଶୀଘ୍ର ମୋବାଇଲ ଓ ଇଣ୍ଟରନେଟ୍ ସେବା ମିଳିବ ବୋଲି ସେ ଦୃଢୋକ୍ତି କରିଛନ୍ତି ।

## 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



ଖବର

## 'ପୁଷ୍ପା ୨ ଦି ରୁଲ୍' ; ଭାଙ୍ଗିଲା ରେକର୍ଡ




ଆଉ ମାତ୍ର ୩ ଦିନ ବାକି । ଶେଷ ହେବ ପ୍ରଶଂକଙ୍କ ଅପେକ୍ଷା । ରିଲିଜ୍ ହେବ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ 'ପୁଷ୍ପା ୨ ଦି ରୁଲ୍' । ମାତ୍ର ବଡ ପରଦାରେ ରିଲିଜ୍ ପୂର୍ବରୁ ହିଁ ହଇଚଇ ସୃଷ୍ଟି କଲାଣି ପୁଷ୍ପା ୨ । ଡିସେମ୍ବର ୫ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମର ଆଡ୍ଭାନ୍ସ ବୁକିଙ୍ଗ୍ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି । ଆଡ୍ଭାନ୍ସ ବୁକିଙ୍ଗ ଆରମ୍ଭ ଦିନ ହିଁ ୩୦.୮୮ କୋଟି ଟଙ୍କା ଆୟ କରି ସାରିଛି । ଆଡଭାନ୍ସ ବୁକିଙ୍ଗକୁ ଦେଖି ଦର୍ଶକ ଉତ୍ସାହ ନେଇ ଅନୁମାନ କରାଯାଉଛି ।ରିପୋର୍ଟ ଅନୁସାରେ କେବଳ ତେଲୁଗୁ ଭାଷାରେ ଆଡଭାନ୍ସ ବୁକିଙ୍ଗ ୧୦.୨୮ କୋଟି, ହିନ୍ଦି ଭାଷାରେ ୭ କୋଟି ୪୫ ଲକ୍ଷ, ମାଲାୟଲାମ ୪୬.୬୯ ଲକ୍ଷ ଆୟ କରିଛି ।ବର୍ତ୍ତମାନ ପର୍ଯ୍ୟନ୍ତ ଫିଲ୍ମ ପୁଷ୍ପା ୨ ସମଗ୍ର ଭାରତରେ ୧୬,୦୦୬ ଶୋ ପାଇଁ ପ୍ରାୟ ଛଅ ଲକ୍ଷ ୫୯ ହଜାର ଟିକେଟ୍ ବିକ୍ରି କରିଛି। ଏହି ଟିକେଟ୍ ବିକ୍ରୟରୁ ୨୧.୪୯ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଏହି ଫିଲ୍ମ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆଲୋଡ଼ନ ସୃଷ୍ଟି କରିଛି। ଆମେରିକାରେ ଏହି ଫିଲ୍ମ ଆଗୁଆ ବୁକିଂରେ ପ୍ରାୟ ୭୦ କୋଟି ଟଙ୍କା ଆୟ କରିଛି।'ପୁଷ୍ପା ୨ ଦି ରୁଲ୍' ସୁକୁମାରଙ୍କ ଦ୍ୱାରା ନିର୍ଦ୍ଦେଶିତ। ଏହି ଚଳଚ୍ଚିତ୍ରରେ ରଶ୍ମିକା ମନ୍ଦନା ଏବଂ ଫରଦ ଫାସିଲ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହାପୂର୍ବରୁ ୨୦୨୧ ମସିହାରେ ମୁକ୍ତିଲାଭ କରିଥିବା ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ ପୁଷ୍ପା -ପାର୍ଟ୧କୁ ଦର୍ଶକଙ୍କ ଖୁବ୍ ଭଲପାଇବା ମିଳିଥିଲା । ପୁଷ୍ପାର ଲୋକପ୍ରିୟତା ଦେଖି ଅଲ୍ଲୁ ଅର୍ଜୁନଙ୍କ ପ୍ରଶଂସକମାନେ ଉତ୍ସାହର ସହିତ ଫିଲ୍ମର ପାର୍ଟ ୨କୁ ଅପେକ୍ଷା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଅଲୁ ଅର୍ଜୁନଙ୍କୁ ଏକ ପାନ୍ ଇଣ୍ଡିଆ ତାରକା ଭାବରେ ପ୍ରତିଷ୍ଠିତ କରିଥିଲା। ଏହି ଚଳଚ୍ଚିତ୍ରରେ ତାଙ୍କର ଚମତ୍କାର ଅଭିନୟ ପାଇଁ ତାଙ୍କୁ ସର୍ବଶ୍ରେଷ୍ଠ ଅଭିନେତା ଭାବରେ ଜାତୀୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

## ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ

ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।



- ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।
- ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ।
- ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

## ଭଗବାନ ଶିବଙ୍କ ପ୍ରମୁଖ ଅବତାର

ଶିବ ପୁରାଣରେ ମହାଦେବଙ୍କ ପ୍ରମୁଖ ଅବତାର ବିଷୟରେ ବର୍ଣ୍ଣନା ରହିଛି । ତାଙ୍କର ଭିନ୍ନ ଭିନ୍ନ ଅବତାର ଏବଂ ତା'ପଛରେ ରହିଥିବା କାରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ଶିବଙ୍କ ଦଶ ଅବତାର ସମ୍ପର୍କରେ ପୁରାଣରେ ଉଲ୍ଲେଖ ରହିଛି, ସେମାନେ ହେଲେ ମହାକାଳ, ତାରକ, ଭୁବନେଶ, ଷୋଡ଼ଶ, ଭୈରବ, ଛିନ୍ନମସ୍ତକ ଗିରିଜା, ଧୂମବାନ, ବଗଳାମୁଖ, ମାତଙ୍ଗ ଓ କମଳ ଅବତାର । ଏହି ଦଶଅବତାର ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ବୋଲି କୁହାଯାଇଛି । ଏହାବ୍ୟତୀତ ଶିବଙ୍କ ୧୧ ଅବତାର- କପାଳୀ, ପିଙ୍ଗଳ, ଭୀମ, ବିରୂପାକ୍ଷ, ବିଲୋହିତ, ଶାସ୍ତା, ଅଜପାଦ, ଅହିର୍ବୁଧ୍ୟ, ଶମ୍ଭୁ, ଚଣ୍ଡ ଏବଂ ଭବ ଅବତାର ସମ୍ପର୍କରେ ମଧ୍ୟ ଶିବପୁରାଣରେ ବର୍ଣ୍ଣନା ରହିଛି । ଏହି ଅବତାର ବ୍ୟତୀତ ମହର୍ଷି ଦୁର୍ବାସା, ମହେଶ, ବୃଷଭ, ପିପ୍ପଳାଦ,



ବୈଶ୍ୟନାଥ, ଦ୍ୱିଜେଶ୍ୱର, ହଂସରୂପ, ଅବଧୂତେଶ୍ୱର, ଭିକ୍ଷୁଭର୍ଯ୍ୟ, ସୁରେଶ୍ୱର, ବ୍ରହ୍ମଚାରୀ, ସୁନଟତର୍କ, ଦ୍ୱିଜ, ଅଶ୍ୱତଥାମା, କିରାତ ଏବଂ ନତେଶ୍ୱର ଆଦି ଅବତାର ସମ୍ପର୍କରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ତେବେ ଏମାନଙ୍କୁ ଶିବଙ୍କ ଅଂଶାବତାର ବୋଲି କୁହାଯାଇଛି । ବୀର ହନୁମାନ ଏବଂ ଭୈରବ ହେଉଛନ୍ତି ଶିବଙ୍କର ସବୁଠୁ ଚର୍ଚ୍ଚିତ ଅବତାର ।



## କେମିତି ଜନ୍ମନେଲେ ରାବଣ ଓ ତା'ର ଭାଇ-ଭଉଣୀ ?

ସୃଷ୍ଟି ଆରମ୍ଭ ସମୟରେ ଭଗବାନ ବ୍ରହ୍ମା ଅନେକ ଜଳ-ଜନ୍ତୁଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ସମୁଦ୍ର ଜଳର ସୁରକ୍ଷା ଦାୟିତ୍ୱ ଦେଲେ । ସେହି ଜନ୍ତୁମାନଙ୍କ ମଧ୍ୟରୁ କେତେକ କହିଲେ, ଆମେ ସମୁଦ୍ର ଜଳର ରକ୍ଷା କରିବକୁ ଏବଂ କିଛି କହିଲେ ଆମେ ଏହାକୁ ଯକ୍ଷଣ(ପୂଜା) କରିବୁ । ଏହାପରେ ବ୍ରହ୍ମା କହିଲେ, ଯେଉଁମାନେ ରକ୍ଷଣ କରିବେ ସେମାନେ 'ରାକ୍ଷସ' ନାମରେ ପରିଚିତ ହେବେ ଏବଂ ଅନ୍ୟ ଯେଉଁମାନେ ଯକ୍ଷଣ କରିବେ ସେମାନେ 'ଯକ୍ଷ' ନାମରେ ପରିଚିତ ହେବେ।

ପୁରାଣ କାଳରେ ହେତି ଏବଂ ପ୍ରହେତି ନାମରେ ଦୁଇ ରାକ୍ଷସ ଭ୍ରାତା ଥିଲେ । ପ୍ରହେତି ତପସ୍ୟା କରିବାକୁ ଚାଲିଗଲା, କିନ୍ତୁ ହେତି ଜଣେ ରାକ୍ଷସୀ ଭୟାକୁ ବିବାହ କଲା । ସେମାନଙ୍କ ଠାରୁ ବିଦ୍ୟୁତ୍କେଶ ନାମକ ପୁତ୍ର ଉତ୍ପନ୍ନ ହେଲା । ବିଦ୍ୟୁତ୍କେଶର ସୁକେଶ ନାମରେ ଏକ ପରାକ୍ରମୀ ପୁତ୍ର ଥିଲା । ସୁକେଶର ୩ ଜଣ ପୁତ୍ର ଥିଲେ- ମାଲ୍ୟବାନ, ସୁମାଳୀ ଏବଂ ମାଳୀ । ଏହି ତିନି ଜଣ ବ୍ରହ୍ମାଙ୍କୁ ତପସ୍ୟା କରି ବରଦାନ ଲାଭ କଲେ ଯେ ସେମାନଙ୍କ ମଧ୍ୟରେ ସର୍ବଦା ସ୍ନେହପୂର୍ଣ୍ଣ ସମ୍ପର୍କ ରହିବ । କେବେ ସେମାନେ ଅଲଗା ହେବ ନାହିଁ ଏବଂ କେହି ସେମାନଙ୍କୁ ପରାଜିତ କରିପାରିବେ ନାହିଁ । ବରଦାନ ଲାଭ କରି ୩ରାକ୍ଷସ ନିର୍ଭୟ ହୋଇଗଲେ । ଏହାପରେ ସେମାନେ ଜଗତବାସୀଙ୍କୁ ହଇରାଣ କରିବାକୁ ଲାଗିଲେ । ସେମାନେ ବିଶ୍ୱକର୍ମାଙ୍କୁ ଅତ୍ୟନ୍ତ ସୁନ୍ଦର ନଗର ନିର୍ମାଣ କରିବାକୁ କହିଲେ । ବିଶ୍ୱକର୍ମା ସେମାନଙ୍କୁ ଲଙ୍କାପୁରୀର ଠିକଣା କହିଲେ ଏବଂ ସେମାନେ ଅତି ଆନନ୍ଦରେ ସେଠାରେ ରହିବାକୁ ଲାଗିଲେ । ସମୟ ବିତିବା ପରେ ମାଲ୍ୟବାନ ରାକ୍ଷସର ୭ଜଣ ପୁତ୍ର ଜନ୍ମ ନେଲେ- ବଜ୍ରମୁଷ୍ଟି, ବିରୂପାକ୍ଷ, ଦୁର୍ମୁଖ, ସୁପ୍ତଘ୍ନ, ଯଜ୍ଞକୋପ, ମତ୍ତ ଏବଂ ଉନ୍ମତ୍ତ । ସୁମାଳୀର ଦଶ ଜଣ ପୁତ୍ର ଥିଲେ- ପ୍ରହସ୍ତ, ଅକମ୍ପନ, ବିକଟ, କାଳିକାମୁଖ, ଧମ୍ରାକ୍ଷ, ଦଣ୍ଡ, ସୁପାର୍ଶ୍ୱ, ସହ୍ରଦି, ପ୍ରଧସ ଏବଂ ଭାରକର୍ଣ୍ଣ । ମାଳୀ ଠାରୁ ଅନଳ, ଅନୀଳ, ହର ଏବଂ ସମ୍ପାତି ନାମରେ ୪ଜଣ ପୁତ୍ର ଜନ୍ମ ନେଲେ । ଏମାନେ ସମସ୍ତେ ଶକ୍ତିଶଳୀ ଏବଂ ଦୁଷ୍ଟ ପ୍ରକୃତିର ହୋଇଥିବା କାରଣରୁ ଋଷି-ମୁନିଙ୍କୁ କଷ୍ଟ ଦେଲେ । ସେମାନଙ୍କ ପ୍ରତାଡ଼ନା ସହିନପାରି ଋଷିଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ବିଷ୍ଣୁ ସେମାନଙ୍କୁ ଆଶ୍ୱାସନା ଦେଲେ ଯେ ମୁଁ ଦିନେ ନିଶ୍ଚେ ଏହି ଦୁଷ୍ଟ ରାକ୍ଷସମାନଙ୍କୁ ସଂହାର କରିବି । ଭଗବାନ ବିଷ୍ଣୁଙ୍କ ଆଶ୍ୱାସନାର ଖବର ପାଇବା ପରେ ରାକ୍ଷସଗଣ ମନ୍ତ୍ରଣା କରି ସଂଗଠିତ ହେଲେ । ମାଳିର ସେନାପତିତ୍ୱରେ ଇନ୍ଦ୍ରଲୋକ ଉପରେ ଆକ୍ରମଣ କଲେ । ଏହି ସୂଚନା ପାଇଁ ଭଗବାନ ବିଷ୍ଣୁ ନିଜ ଅସ୍ତ୍ର-ଶସ୍ତ୍ର ସହ ରାକ୍ଷସଙ୍କୁ ସଂହାର କରିବାକୁ ଲାଗିଲେ । ସେନାପତି ମାଳି ସହିତ ବହୁତ ରାକ୍ଷସ ପ୍ରାଣ ହରାଇଲେ । ଆଉ କିଛି ପଳାୟନ କଲେ । ପଳାୟନ କରୁଥିବା ଅବସ୍ଥାରେ ମଧ୍ୟ ନାରାୟଣ ସେମାନଙ୍କୁ ସଂହାର କରିଚାଲିଲେ । ମାଲ୍ୟବାନ କ୍ରୋଧିତ ହୋଇ ପୁଣିଥରେ ଯୁଦ୍ଧ ଭୂମିକୁ ଫେରିଲା । ହେଲେ ଭଗବାନ ବିଷ୍ଣୁ ସେହି ରାକ୍ଷସକୁ ବଧ କରିଦେଲେ । ଶେଷରେ ଯୁଦ୍ଧରୁ ବଞ୍ଚିଯାଇଥିବା ସୁମାଳି ନିଜ ସୈନ୍ୟସାମନ୍ତଙ୍କୁ ଧରି ପାତାଳ ଲୋକରେ ଲୁଚିଗଲା । ଏହାପରେ ଧନପତି କୁବେର ଲଙ୍କାରେ ନିଜ ରାଜ୍ୟ ପ୍ରତିଷ୍ଠା କଲେ ।

ରାକ୍ଷସଙ୍କ ବିନାଶ ଦ୍ୱାରା ଦୁଃଖିତ ହୋଇ ସୁମାଳି ନିଜ କନ୍ୟା କୈକେସୀକୁ କହିଲା ଯେ ହେ ପୁତ୍ରୀ ! ତୁମେ ରାକ୍ଷସ ବଂଶର କଲ୍ୟାଣ ଚାହୁଁଥିଲେ ପରମତପସ୍ୱୀ ମହର୍ଷି ବିଶ୍ରବାଙ୍କ ପାଖକୁ ଯାଇ ପୁତ୍ର ପ୍ରାପ୍ତି କର । ସେହି ପୁତ୍ର ହିଁ ହି ଦେବତାମାନଙ୍କର ବିନାଶ କରି ପୁଣିଥରେ ରାକ୍ଷସ କୁଳର ଉଦ୍ଧାର କରିବ । ପିତାଙ୍କ ଆଜ୍ଞା ପ୍ରାପ୍ତ କରି କୈକେସୀ ବିଶ୍ରବାଙ୍କ ନିକଟକୁ ଗଲା । ସେ ସମୟରେ ଭୟଙ୍କର ବର୍ଷାଝଡ଼ ହେଉଥିଲା । ଆକାଶରେ ମେଘ ଗର୍ଜୁଥିଲା । କେକେସୀର ଅଭିପ୍ରାୟ ଜାଣିବା ପରେ ବିଶ୍ରବା କହିଲେ, ମୁଁ ତୁମକୁ ପୁତ୍ର ଦେଇପାରେ, କିନ୍ତୁ ତୁମ ସନ୍ତାନ ଦୁଷ୍ଟ ସ୍ୱଭାବ ତଥା କ୍ରୂର ହେବେ । ମୁନିଙ୍କ କଥା ଶୁଣି କୈକେସୀ ତାଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ଆପଣ ବ୍ରହ୍ମଜ୍ଞାନୀ ମହାତ୍ମା । ଆପଣଙ୍କ ଠାରୁ ଦୂରାଚାରୀ ପୁତ୍ର ପାଇବା ଲାଗି ମୁଁ ଆଶା କରୁନାହିଁ । ଏଣୁ ଆପଣ ମୋ ଉପରେ କୃପା କରନ୍ତୁ । କୈକେସୀଙ୍କ ବଚନ ଶୁଣି ମୁନି ବିଶ୍ରବ କହିଲେ, ଠିକ୍ ଅଛି ତୁମର କନିଷ୍ଠ ପୁତ୍ର ସଦାଚାରୀ ଏବଂ ଧର୍ମାତ୍ମା ହେବ । ଏହାପରେ କୈକେସୀଙ୍କ ପ୍ରଥମ ପୁତ୍ର ରୂପରେ ରାବଣ, ଦ୍ୱିତୀୟ ପୁତ୍ର ରୂପେ କୁମ୍ଭକର୍ଣ୍ଣ, କନ୍ୟା ସୂର୍ପଣଖା ଏବଂ ବିଭୀଷଣ ଜନ୍ମ ନେଲେ । ରାବଣ ଏବଂ କୁମ୍ଭକର୍ଣ୍ଣ ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ଥିଲେ, କିନ୍ତୁ ବିଭୀଷଣ ଧର୍ମାତ୍ମା ପ୍ରକୃତିର ଥିଲା ।

## ଚକ୍ଷୁ ସମସ୍ୟାରୁ ମୁକ୍ତି ଦିଏ ପେସ୍ତା

ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ଖାଇଥାଉ । ଭୂରି ଭୋଜନ ବ୍ୟତୀତ ଆମେ ଏମିତି କିଛି ଖାଦ୍ୟ ବି ଖାଇଥାଉ ଯାହା ସ୍ୱାଦିଷ୍ଟ ହେବା ସହ



ଶରୀରରକୁ ବିଭିନ୍ନ ଜରୁରୀ ଉପାଦାନ ଯୋଗାଇଥାଏ। ଆଜିକା ସମୟରେ ଅଧିକାଂଶ ଲୋକେ ପ୍ରତିଦିନ କିଛି କିଛି ଡ୍ରାଏ ଫ୍ରୁଟସ ଖାଇବା ଅଭ୍ୟାସ କଲେଣି । ଏହି ଡ୍ରାଏ ଫ୍ରୁଟସ ମଧ୍ୟରୁ ପେସ୍ତା ହେଉଛି ଅନ୍ୟତମ । ଆଉ ମଧ୍ୟ ଏଥିରେ ଥିବା ଭରପୁର ଆଣ୍ଟି ଅକ୍ସିଡେଣ୍ଟ ହୃଦରୋଗ, କ୍ୟାନ୍ସର ପରି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ ଆଜି ପେସ୍ତାର ଆଉ କିଛି କିଛି ଉପାଦେୟ ଗୁଣ ବିଷୟରେ ଜାଣିବା ।

ଅତ୍ୟଧିକ ପ୍ରଦୂଷଣ, ଅନିୟମିତ ଦିନଚର୍ଯ୍ୟା କାରଣରୁ ଖୁବ କମ ବୟସରୁ ଅଧିକାଂଶ ଲୋକେ ଚକ୍ଷୁ ଜନିତ ସମସ୍ୟାରେ ପୀଡିତ ହେଉଛନ୍ତି । ଏଥିରେ ଥିବା ଆଣ୍ଟିଆକ୍ସିଡେଣ୍ଟ ଲ୍ୟୁଟିନ, ଜ୍ୱାକ୍ସାଥିନ ମୋତିୟାବିନ୍ଦୁ ଓ ବୟସ ଜନିତ ଚକ୍ଷୁ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାବ୍ୟତୀତ ପେସ୍ତା କାର୍ବୋହାଇଡ୍ରେଟ, ଫାଇବର , ଫ୍ୟାଟ, ଆମିନା ଏସିଡ ମୁହଁ ଦୁର୍ଗନ୍ଧ, ମୁଣ୍ଡ ବିନ୍ଧା, କୋଷ୍ଠକାଠିନ୍ୟ, କୁଣ୍ଡେଇ ହେବା ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଲି ସେତିକି ନୁହେଁ ପାଚନ ସମସ୍ୟାକୁ ବି ଏହା ସୁଧାରି ଥାଏ । ଶରୀରରେ ସୁସ୍ଥ ବ୍ୟାକ୍ଟେରିଆ ସଂଖ୍ୟାକୁ ମଧ୍ୟ ବଢ଼ାଇ ଥାଏ । ପିସ୍ତା ତେଲରେ ମୁଣ୍ଡ ମାଲିସ କଲେ ମଧ୍ୟ ଦୀର୍ଘଦିନର ମୁଣ୍ଡ ଯନ୍ତ୍ରଣା ଦୂର ହୁଏ । ନିର୍ଦ୍ଦିଷ୍ଟ ମାତ୍ରାରେ ନିୟମିତ ସେବନ କରିବା ଦ୍ୱାରା ଥକ୍କା ପଣ ମେଣ୍ଟିବା ସହ ରକ୍ତରେ ଶର୍କରା ମାତ୍ରା ସନ୍ତୁଳିତ ରହିଥାଏ ।

# ଯନ୍ତ୍ରୀମାନଙ୍କ ନିମନ୍ତେ ନୂତନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୨।୧୨ (ମହାଭାରତ): ବର୍ତ୍ତମାନ ଟେକ୍ନୋଲୋଜିର ଯୁଗରେ ଏହାର ବ୍ୟବହାର କରି ଇଞ୍ଜିନିୟର ମାନେ ନିର୍ମାଣ କାର୍ଯ୍ୟକୁ ଆଗେଇ ନିଅନ୍ତୁ ବୋଲି ପୂର୍ତ୍ତ ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି। ଏହା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ନ ହୋଇ ଉନ୍ନତମାନର ହୋଇ ପାରିବ।

ପୂର୍ତ୍ତ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କ ନିମନ୍ତେ ନୂତନ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଓଡ଼ିଶାର ପ୍ରଗତିକୁ ତ୍ୱରିତ ଢଙ୍ଗରେ ଆଗେଇ ନେବା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟ ସରକାରଙ୍କ ଏହି ଲକ୍ଷ୍ୟ ପୂରଣ ଦିଗରେ ଇଂଜିନିୟରମାନେ ଜଣେ ଜଣେ ପ୍ରମୁଖ ଅଂଶୀଦାର। ଆବଶ୍ୟକତାକୁ ରହିଁ ନକ୍ସା ପ୍ରସ୍ତୁତ ସହ ନିର୍ମାଣର ସ୍ଥାୟିତ୍ୱ ବୃଦ୍ଧି ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଆଧୁନିକ ଜ୍ଞାନକୌଶଳର ଭରପୂର ଉପଯୋଗ ପାଇଁ ତାଲିମ ଶିବିରରୁ ଶିକ୍ଷା ଗ୍ରହଣ କରିବାକୁ ଶ୍ରୀ ହରିଚନ୍ଦନ ଇଂଜିନିୟରମାନଙ୍କୁ ପରାମର୍ଶ ଦେଇଥିଲେ।

ବହୁ ଅସାଧ କାର୍ଯ୍ୟକୁ ସହଜ ଓ ସରଳ ଢଙ୍ଗରେ ସମ୍ପୂର୍ଣ୍ଣ କରିହେଉଛି। ଇଂଜିନିୟରମାନେ ହେଉଛନ୍ତି ଆଧୁନିକ ଯୁଗର ବିଶ୍ୱକର୍ମା। ତେଣୁ ବର୍ତ୍ତମାନ ଯୁଗର ବିଶ୍ୱକର୍ମାମାନେ ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ଆଗେଇ ନିଅନ୍ତୁ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ କହିଲେ ଯେ ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ କାର୍ଯ୍ୟର ପରିସର ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ନିୟମିତ କ୍ଷେତ୍ର ପରିଦର୍ଶନ ସହ ଆବଶ୍ୟକତା ଅନୁସାରେ ଡି.ପି.ଆର୍ ପ୍ରସ୍ତୁତି ଉପରେ ଇଂଜିନିୟରମାନେ ଧ୍ୟାନ ଦେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷଣ ଶିବିରରୁ ଜ୍ଞାନ ଆହରଣ କରିବା ସହ ନିର୍ମାଣ କାର୍ଯ୍ୟକୁ ସରସସୁନ୍ଦର କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଶ୍ରୀ ନାଏକ ପ୍ରଶିକ୍ଷାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଆଇସି(ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଇଆଇସି (ୱାର୍କସ) ପ୍ରଦୀପ କୁମାର ଜେନା, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଏବଂ ପୂର୍ତ୍ତ ବିଭାଗ ଯୁଗ୍ମଉପଦେଷ୍ଟା ଜୟକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗର ୪୨ ଜଣ ଇଂଜିନିୟର ଯୋଗଦେଇଥିଲେ।

# ଆଇ-ଜିଓଟି ପ୍ଲାଟଫର୍ମରେ ଅନଲାଇନ୍ ପ୍ରଶିକ୍ଷଣର ସମୀକ୍ଷା

ଭୁବନେଶ୍ୱର, ୨।୧୨ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ କର୍ମଚାରୀରୁ କର୍ମଯୋଗୀ ପର୍ଯ୍ୟନ୍ତ ଅନୁସାରେ 'ମିଶନ କର୍ମଯୋଗୀ' କାର୍ଯ୍ୟକ୍ରମରେ ଓଡ଼ିଶାର ସକ୍ରିୟ ଅଂଶଗ୍ରହଣ ବହୁଭାବେ ପ୍ରତିଫଳିତ ହୋଇଛି। ୨୦୨୪ ନଭେମ୍ବର ଶେଷ ସୁଦ୍ଧା ଓଡ଼ିଶା ସରକାରଙ୍କ ପ୍ରାୟ ୫୦ ହଜାର କର୍ମଚାରୀ ଓ ପ୍ରାୟ ସମସ୍ତ ବିଭାଗ ଆଇ-ଜିଓଟି ଆଇ-ଜିଓଟି (ଇଣ୍ଟିଗ୍ରେଟେଡ୍ ଗଭର୍ଣ୍ଣମେଣ୍ଟ ଅନଲାଇନ୍ ଟ୍ରେନିଂ)ପ୍ଲାଟଫର୍ମରେ ସାମିଲ ହୋଇଥିବା ଜଣାପଡ଼ିଛି। ଆଇଜିଓଟି ପ୍ଲାଟଫର୍ମ ବ୍ୟକ୍ତିଗତ ଶିକ୍ଷଣରେ ଉନ୍ନତି ପାଇଁ ଏକ ଦୃଢ଼ ଡିଜିଟାଲ ଢାଞ୍ଚା ପ୍ରଦାନ କରେ ଏବଂ ବ୍ୟବହାରକାରୀଙ୍କ ଦକ୍ଷତାକୁ ସୁଦୃଢ କରେ। ଏହି ପ୍ଲାଟଫର୍ମର ଉପଯୋଗ କରି ଓଡ଼ିଶା ଏକ ବ୍ୟାପକ ଶିକ୍ଷଣ ଇକୋସିଷ୍ଟମ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି, ଯାହା ଜନସେବା ପ୍ରଦାନରେ ବୃଦ୍ଧି ଘଟାଇବ ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ନାଗରିକମାନେ ଯେପରି ସନ୍ତୋଷଜନକ ସେବା ପାଇବେ, ତାହାକୁ ସୁନିଶ୍ଚିତ କରିବ। ଓଡ଼ିଶାରେ ଆଇ-ଜିଓଟି ପ୍ଲାଟଫର୍ମ ଜରିଆରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ସମୀକ୍ଷା କରିଥିଲେ। ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭାଥନନ, ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣାନ୍ସ ଇନିସିଏଟିଭ୍ (ସିଏମଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସତ୍ୟ ରଥଙ୍କ ସମେତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ସରକାର, ଦକ୍ଷତା ବିକାଶ ଆୟୋଗ ଓ କର୍ମଯୋଗୀ ଭାରତ ମଧ୍ୟରେ ୨୩ ଅକ୍ଟୋବର ୨୦୨୪ରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ 'ମିଶନ କର୍ମଯୋଗୀ' କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବେ ମନୋନୀତ ହୋଇ ସମସ୍ତ ବିଭାଗର ନୋଡାଲ ଅଧିକାରୀଙ୍କ ପାଇଁ କର୍ମଶାଳା ଆୟୋଜନ କରିଥିଲା।



# ଜିଲ୍ଲାସ୍ତରୀୟ ଏଡସ୍ ଦିବସ

ଖୋର୍ଦ୍ଧା, ୨।୧୨ (ମହାଭାରତ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷର ମିଳିତ ଆନୁକୁଲ୍ୟରେ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଯରୁ ବିଭିନ୍ନ ମହାବିଦ୍ୟାଳୟ ଓ ନର୍ସିଂ ଛାତ୍ର, ଛାତ୍ରୀ ନେଇ ନେଇ ଏକ ଏଚଆଇଭି,ଏଡସ୍ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହାକୁ ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡା. ବିଶ୍ୱନାଥ ପାଢୀ ଆନୁଷ୍ଠାନିକ ଭାବେ ଭାବେ ଉଦଘାଟନ କରିଥିଲେ ଓ ଚଳିତ ବର୍ଷର କାର୍ଯ୍ୟାଳୟ ସମିଳନୀ କକ୍ଷରେ ଡା. ପାଢୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଓ ପ୍ରାଣ ନାଥ 'ଅଲକାରର ସଠିକ୍ ମାର୍ଗ ଅନୁସରଣ କରିବା'" ଉପରେ ଆଲୋଚନା କରଯାଇଥିଲା ଓ ମୁଖ୍ୟ ବକ୍ତା କବି ପ୍ରସନ୍ନ ପାଟସାଣି ସ୍ୱୟଙ୍ଗ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ଜଗଦେବ, ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ଜୟସିଂ ଓ ଖୋର୍ଦ୍ଧା ନର୍ସିଂ ସ୍କୁଲର ସ୍ୱର୍ଣ ପ୍ରଭା ସାହୁ ଏଚଆଇଭି, ଏଡସ୍ ସମ୍ପର୍କରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ ସଭାପତି ଡା. ପାଢୀ ନିଜ ଏଡ୍ସର କାରଣ, ନିରାକରଣ, ପ୍ରତିକାର ଓ ଏ ବର୍ଷର ବୋଧନରେ ଏଚଆଇଭି,ଏଡସ୍ ର ବର୍ଷର ବିଷୟ ବସ୍ତୁ 'ଅଧିକାରର ବା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନେ ସଠିକ୍ ମାର୍ଗ ଅନୁସରଣ କରିବା" ଜୀବନରେ ଏହାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ପ୍ରାଣନାଥ ସ୍ୱୟଙ୍ଗ ଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା, କବି ପ୍ରସନ୍ନ ପଟସାଣି ଆଂଚଳିକ ମହାବିଦ୍ୟାଳୟ, ମଳିପଡା, ଖୋର୍ଦ୍ଧା ନର୍ସିଂ ସ୍କୁଲ ର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ।

# ଓସାକ୍ସ ଦ୍ୱାରା ରାଜ୍ୟସ୍ତରୀୟ ବିଶ୍ୱ ଏଡସ୍ ଦିବସ

ଭୁବନେଶ୍ୱର, ୨।୧୨ (ମହାଭାରତ): ଜନସ୍ୱାସ୍ଥ୍ୟ ପାଇଁ ବିପଦ ଭାବେ ଉଭା ହୋଇଥିବା ଏଚଆଇଭି / ଏଡସ୍ ସଂକ୍ରମଣକୁ ଆସନ୍ତା ୨୦୩୦ ସୁଦ୍ଧା ଶୂନ କରିବାକୁ ରାଜ୍ୟ ସରକାରଙ୍କ ସହ ସମସ୍ତେ ସଂକଳ୍ପବଦ୍ଧ ହୋଇ ଜନସଚେତନତାକୁ ବ୍ୟାପକ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି।

ନୀଳାଚଳ ପଲିଟେକନିକଠାରେ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ଏଡସ୍ ଦିବସ ଆଜି ପାଳନ କରାଯାଇଛି। ସମାରୋହରେ ମନ୍ତ୍ରୀ ଡ. ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଏଚଆଇଭିର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ ହେଲେ ସମାଜ ସଚେତନ ହେବ ଏବଂ ଆମେ ଏଡସ୍‌କୁ ସମ୍ପୂର୍ଣ୍ଣ ପ୍ରତିହତ କରିପାରିବା। ଏହି ସଂକ୍ରମଣ ସହ ରହିଥିବା ଘୃଣା, ଭେଦଭାବକୁ ଦୂର କରିବା ଆମର ସାମୁହିକ ଦାୟିତ୍ୱ ଏବଂ ଏଥିପାଇଁ ଆମର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମସ୍ତ ସଂକ୍ରମିତ ବ୍ୟକ୍ତିବିଶେଷଙ୍କ ଅଧିକାରକୁ ସମର୍ଥନ କରୁଥିବା ନିୟମକୁ ପ୍ରୋତ୍ସାହନ ଦେବା ଜରୁରୀ। କେହି ବି ସଂକ୍ରମିତ କିମ୍ବା ସଂକ୍ରମଣର ଆଶଙ୍କା ଥିବା ବ୍ୟକ୍ତି ତାଙ୍କ ଅଧିକାରରୁ ବଂଚିତ ନହୁଅନ୍ତୁ, ସେଥିପାଇଁ ଆଜିର ଦିନରେ ସମସ୍ତଙ୍କୁ ସଂକଳ୍ପ ନେବାକୁ ସେ ଆହ୍ୱାନ କରିଥିଲେ।



କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ କହିଥିଲେ ଯେ ସଂପ୍ରତି ରାଜ୍ୟର ସବୁ ଜିଲାରେ ଏଡସ ସଂକ୍ରମିତ ଅଛନ୍ତି। ଏଡସ୍ ସଂକ୍ରମିତମାନେ ଭେଦଭାବ ଯୋଗୁ ସମାଜ ସହିତ ଲଢୁଥିଲାବେଳେ ଅନ୍ୟ ରୋଗୀମାନେ ନିଜ ରୋଗ ସହ ହିଁ କେବଳ ଲଢନ୍ତି। ତେଣୁ ଏଡସର ଭୟାବହତା ଅଧିକ। ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ସଚେତନତାକୁ ଆହୁରୀ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଏହି ଅବସରରେ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହ ରାଜ୍ୟରେ ବର୍ତମାନର ସ୍ଥିତି ବିଷୟରେ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ନାଥ ବେବର୍ତ୍ତା, ବିଭାଗୀୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ଡା. ନୀଳକଣ୍ଠ ମିଶ୍ର, ଡା. ଅମରେନ୍ଦ୍ର ମହାନ୍ତି ସମେତ ସ୍ୱାସ୍ଥ୍ୟ ବିଭାଗ ଏବଂ ଓସାକ୍ସର ଅଧିକାରୀ ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓସାକ୍ସର ୱେବସାଇଟ ଏବଂ ନ୍ୟୁଜଲେଟର ଉନ୍ମୋଚିତ ହୋଇଥିଲା। ସଚେତନତା କାର୍ଯ୍ୟକ୍ରମରେ ସର୍ବାଧିକ ଗ୍ରାମକୁ ସାମିଲ କରିଥିବା ଜିଲାଗୁଡିକ ମଧ୍ୟରେ ଗଂଜାମ, ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲାକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରାଜଧାନୀର ବିଭିନ୍ନ ସ୍କୁଲ ଓ କଲେଜମାନଙ୍କରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ରଂଗୋଲି, ସାଧାରଣ ଜ୍ଞାନ, ଧଳା ଛତାରେ ଚିତ୍ରାଙ୍କନ ଭଳି ପ୍ରତିଯୋଗୀତା କରାଯାଇ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ରେଡ ରିବନର ଏକ ମାନବ ଶୃଙ୍ଖଳକରି ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

# ଦିଶାହୀନ କଂଗ୍ରେସ ପ୍ରଳାପ କରୁଛି : ବିଜେପି

ଭୁବନେଶ୍ୱର, ୨।୧୨ (ମହାଭାରତ): ସାରା ବିଶ୍ୱର ଅଦ୍ୱିତୀୟ ନେତା ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଲଗାତର ୩ ଦିନ ଧରି ରାଜ୍ୟର ରାଜଧାନୀରେ ଉପସ୍ଥିତ ରହି ବିଭିନ୍ନ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଆଜି ସେ ତାଙ୍କ ଗସ୍ତ ଶେଷ କରି ରାଜ୍ୟରୁ ବାହୁଡ଼ିଛନ୍ତି। ସେ ଓଡ଼ିଶାରେ ୩ ଦିନ ପାଇଁ ରହିବା ଆମ ସମସ୍ତଙ୍କ ପାଇଁ ଏକ ଗୌରବର ବିଷୟ। ସ୍ୱାଧୀନତା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ଡିଜି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେଶର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଆରମ୍ଭ କରି ସମସ୍ତ ଡିଜି, ଆଇଜି ଓ ଉଚ୍ଚପଦସ୍ଥ ସୁରକ୍ଷା ଅଧିକାରୀମାନେ ଏଥିରେ ଯୋଗଦେଇ ଆଇନଶୃଙ୍ଖଳା ବିଷୟରେ ଆଲୋଚନା କରିଛନ୍ତି। ଏଥିସହ ସେମାନେ ଓଡ଼ିଶାର ପରମ୍ପରା ଓ ସଂସ୍କୃତିକୁ ପାଖରୁ ଦେଖିଛନ୍ତି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ ଏତେ ବଡ଼ ସମ୍ମିଳନୀକୁ ସଫଳ ଭାବେ ପରିଚାଳନା କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ ହୋଇଥିବାବେଳେ ଦିଶାହୀନ କଂଗ୍ରେସ ପ୍ରଳାପ କରୁଛି। ଦେଶର ଯେବେ ବି ବିକାଶ ପ୍ରସଙ୍ଗ ଉଠିଛି ସେତେବେଳେ କଂଗ୍ରେସ ଦେଶକୁ ଅପମାନିତ କରିଛି। ବିଜେପି ରାଜ୍ୟରେ ଏକାକୀ ସରକାର କରିବା ପରେ ମୋହନ ମାଝୀଙ୍କ ନେତୃତ୍ୱରେ ଦେଶର ବିକାଶ ସହ ତାଳ ଦେଇ ରାଜ୍ୟ ମଧ୍ୟ ଆଗେଇ ଚାଲିଥିବା ବେଳେ ଦିଶାହୀନ କଂଗ୍ରେସ ଏହାକୁ ସହି ନ ପାରି ପ୍ରଳାପ କରୁଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି, ୫୦ ବର୍ଷ ପରେ ବି ନିଜକୁ ଯୁବନେତା ବୋଲି କହୁଥିବା କଂଗ୍ରେସର ଜଣେ ଶୀର୍ଷ ନେତା ସାରା ବିଶ୍ୱରେ ବୁଲିବୁଲି ଦେଶର ସଂସ୍କୃତି ଓ ଗାରିମାକୁ ତଳେ ପକାଉଛନ୍ତି। ଦେଶର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ପାଇଁ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ତାଙ୍କ ପଦାଙ୍କ ଅନୁସରଣ କରି ଯୁବ କଂଗ୍ରେସ ମଧ୍ୟ ସେଭଳି କାର୍ଯ୍ୟ କରୁଛି। ରାଜ୍ୟ ଏହି ଐତିହାସିକ କ୍ଷଣର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ପାଇଁ କଂଗ୍ରେସ ଦଳର କେତେଜଣ ଉଦ୍‌ଭ୍ରାନ୍ତ ଯୁବକ ସାମ୍ବାଦିକ ସମ୍ମିଳନୀ ଡାକି ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି। ଅତୀତରେ କଂଗ୍ରେସର ଏହି ଉଦ୍‌ଭ୍ରାନ୍ତ ଯୁବକମାନେ ରାଜ୍ୟରେ ଅନେକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛନ୍ତି। ଅନେକଙ୍କ ବିରୋଧରେ ସଙ୍ଗୀନ ଅପରାଧିକ ମାମଲା ରହିଥିବାବେଳେ ଆଇନଶୃଙ୍ଖଳା ଭଙ୍ଗ କରିଥିବା ଅଭିଯୋଗମାନ ରହିଛି। ସବୁବେଳେ ଅଶାନ୍ତି, ବିଶୃଙ୍ଖଳା ସୃଷ୍ଟି କରି ଆଇନ୍ ଶୃଙ୍ଖଳାକୁ ହାତକୁ ନେଉଥିବା କଂଗ୍ରେସ ଯୁବସଙ୍ଗଠନର ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଷୟରେ କହିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ମୁଣ୍ଡ ନ ଥିଲେ ଯେମିତି ଶରୀର ନିର୍ଜୀବ ହୋଇଥାଏ, ଓଡ଼ିଶା କଂଗ୍ରେସ ସେଭଳି ଏକ ମୁଣ୍ଡବିହୀନ ନିର୍ଜୀବ ସଙ୍ଗଠନରେ ପରିଣତ ହୋଇଛି। ଏଭଳି ଏକ ବିଶୃଙ୍ଖଳିତ ଦଳ ଯାହା ଅପରାଧିକମାନଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି ସେହି ଦଳର ଉଦ୍‌ଭ୍ରାନ୍ତ ଯୁବକମାନେ ରାଜ୍ୟର ଗାରିମା କ୍ଷୁର୍ଣ୍ଣ କରିବାକୁ ଅପଚେଷ୍ଟା କରିବା ଅତ୍ୟନ୍ତ ନିନ୍ଦନୀୟ। ତାଙ୍କ ଦଳ ପ୍ରଥମେ ନିଜର ମୁଣ୍ଡ ସ୍ଥିର କରନ୍ତୁ। ଏଥସହ ଏଭଳି ହୀନ ମନ୍ତବ୍ୟ ଦେଉଥିବା ଦଳର ଯୁବକମାନଙ୍କୁ ବାରଣ କରନ୍ତୁ ନଚେତ୍ ରାଜ୍ୟବାସୀ ଏହାର ଉଚିତ୍ ଜବାବ୍ ଦେବେ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଜିତ୍ ସିଂ, ସମ୍ପାଦକ ସୁବ୍ରତ କୁମାର ବିଶ୍ୱାଳ ଓ ପ୍ରଶାନ୍ତ ପାଇକରାଏ ପ୍ରମୁଖ ଉପସ୍ଥିତ ଥିଲେ।



## ହାଇକୋର୍ଟରେ ହାତୀ ମୃତ୍ୟୁର ସତ୍ୟପାଠ ଦାଖଲ

# ୪ ବର୍ଷରେ ମରିଛନ୍ତି ୩୮୭ ହାତୀ

କଟକ, ୨।୧୨ (ମହାଭାରତ): ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ହାତୀ ମୃତ୍ୟୁର ସତ ଖୋଲିଦେଲା ବନ ବିଭାଗ। ୪ ବର୍ଷର ରିପୋର୍ଟରେ ଖୋଲିଛି ସାଂଘାତିକ ସତ୍ୟ। ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ହାଇକୋର୍ଟଙ୍କ ଚିନ୍ତାପ୍ରକଟ ପରେ ସତ୍ୟପାଠ ଦାଖଲ ହୋଇଛି। ଏହି ସତ୍ୟପାଠ ଜଙ୍ଗଲ ବିଭାଗର ଅପାରଗତାକୁ ପଦାରେ ପକାଇଛି। ହାତୀ ଶିକାର ବୃଦ୍ଧି ପଛର କାରଣ ଏହି ସତ୍ୟପାଠରେ ହିଁ ଲୁଚି ରହିଛି। କଠୋର ଦଣ୍ଡବିଧାନ ନହେବା ଯୋଗୁଁ ଅନାୟସରେ ହାତୀ ଶିକାର କରୁଛନ୍ତି ଶିକାରୀ। ୨୦୨୦ରୁ ୨୦୨୪ ମଧ୍ୟରେ ୨୭୮ ଜଣ ଶିକାରୀ ଗିରଫ ହୋଇଛନ୍ତି। ୪ ବର୍ଷରେ ୧୦୫ଟି ମାମଲା ରୁଜୁ ହୋଇଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ବି ଦୋଷୀ ସାବ୍ୟସ୍ତ କରିବାରେ କୋର୍ଟ ସାମ୍ନାରେ ଫେଲ ମାରିଛି ଜଙ୍ଗଲ ବିଭାଗ। ଗତ ୪ ବର୍ଷରେ ବିଭିନ୍ନ କାରଣରୁ ୩୮୭ ହାତୀ ମୃତ୍ୟୁବରଣ କରିଛନ୍ତି। ଯେଉଁଥିରେ ଅନେକ ହାତୀଙ୍କୁ ଶିକାର କରାଯାଇଛି। କିନ୍ତୁ ଶିକାରୀଙ୍କୁ ଦଣ୍ଡ ଦେବାକୁ ଜୁ ଜୁଟାଇ ପାରୁନି ଜଙ୍ଗଲବିଭାଗ। ସରକାର ସବୁ ଜିଲ୍ଲାରେ ଜୀବଜନ୍ତୁଙ୍କ ମାମଲାର ତ୍ୱରିତ ଶୁଣାଣି ପାଇଁ ଫାଷ୍ଟଟ୍ରାକ କୋର୍ଟର ଘୋଷଣା କରିଛନ୍ତି। କିନ୍ତୁ ଏବେ ବି ଦୁର୍ବଳ ଭିତ୍ତିଭୂମି ଓ ପ୍ରଶାସନିକ ଉଦାସୀନତା ହାତୀଙ୍କ ନ୍ୟାୟ ଦେବାରେ ସବୁଠୁ ବଡ ବାଧକ ସାଜିଛି। ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଜଙ୍ଗଲ ବିଭାଗକୁ ହାତଖୋଲା ଅର୍ଥ ଦିଆଯାଉଛି। କିନ୍ତୁ ଜଙ୍ଗଲରେ ଦିନକୁ ଦିନ ଶିକାରୀଙ୍କ ସଂଖ୍ୟା ବଢୁଥିବା ବେଳେ ଜଙ୍ଗଲ ଜନ୍ତୁଙ୍କ ସଂଖ୍ୟା କମୁଛି। କେବଳ ଗିରଫ କରି ବାହାବା ନେଉଛି ଜଙ୍ଗଲ ବିଭାଗ। ଦଣ୍ଡବିଧାନ ପୂରା ଶୂନ। ଏହାଦ୍ୱାରା ନୀରିହ ଜୀବଜନ୍ତୁଙ୍କୁ ନ୍ୟାୟ ତ ମିଳୁନି ବରଂ ଶିକାରୀଙ୍କ ମନରେ ଅବାଧ ଶିକାର ପାଇଁ ସାହସ ବଢୁଛି।



# ସମାଜ ଓ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨।୧୨ (ମହାଭାରତ): ସମାଜ ଓ ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଶିକ୍ଷକ ମାନେ ହିଁ ମାଟି ପିଣ୍ଡୁଳାକୁ ଜୀବନ୍ୟାସ ଦେଇଥାନ୍ତି। ତେଣୁ ଦେଶକୁ ପରମ ବୈଭବର ଶିଖରକୁ ପହଂଚାଇବାକୁ ହେଲେ ଶିକ୍ଷକ ମାନଙ୍କୁ ସେମାନଙ୍କର ଦାୟିତ୍ୱ ସଠିକ ଭାବେ ନିର୍ବାହ କରିବାକୁ ପଡିବ ବୋଲି କହିଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଭୁବନେଶ୍ୱର ସ୍ଥିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଠାରେ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ସମ୍ମିଳନୀର ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ସୂରଜ ଏହା କହିଛନ୍ତି।




ସେ କହିଛନ୍ତି ଯେ ଇଂରେଜ ଓ ମେକାଲେଙ୍କ ଦ୍ୱାରା ପ୍ରଣୀତ ଶିକ୍ଷା ନୀତି ଭାରତୀୟ ମାନଙ୍କର ମେଧାକୁ ସମାପ୍ତ କରି କିରାଣୀ ତିଆରି କରିବା ପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ଅଣାଯାଇଥିବା ରାଷ୍ଟ୍ରୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ କରଯାଇ ଦେଶକୁ ପରମ ବୈଭବର ଶିଖରରେ ପହଂଚା ଯାଇ ପାରିବ। ସେ କହିଛନ୍ତି ଯେ ଓଡ଼ିଶା ପାଇଁ ଗୌରବାନିତ୍ୱ ମୂହୁର୍ତ୍ତ ୨୦୩୬ ମସିହା ଓଡ଼ିଶା ଶତବାର୍ଷିକୀ ପାଳନ।ରାଷ୍ଟ୍ର ହିତରେ ଶିକ୍ଷକ ଶିକ୍ଷକ ହିତରେ ସରକାର,ସରକାରଙ୍କ ହିତରେ ସମାଜ ଏହା ମୂଳମନ୍ତ୍ର। ଶିକ୍ଷକ ମାନେ ପ୍ରଥମ ପହଂଚି ରେ ରହିବେ। ଆମ ରାଜ୍ୟର ଶୈକ୍ଷିକ୍ ସମୃଦ୍ଧି ସରାବିଶ୍ୱରେ ଏକ ଐତିହାସିକ ଶ୍ରେଷ୍ଠତ୍ୱ ଯାହାକି ପୁଷ୍ପ ଗିରି ବିସେବିଦ୍ୟାଳୟ ପୃଥିବୀର ସର୍ବ ପ୍ରଥମ ବିଶ୍ୱ ବିଦ୍ୟାଳୟ ଆମ ଓଡ଼ିଶାରେ ଥିଲା। ଏହା ଉପରେ ଶାଖ୍ୟାକ ମାନେ ଗବେଷଣା ଯୁକ୍ତ ହୋଇ ତଥ୍ୟ ଭିତ୍ତିକ ପ୍ରତିପାଦନ କରିବାକୁ କହିଥିଲେ। କାର୍ଯ୍ୟ କାର୍ଯ୍ୟ କ୍ରମରେ ଡ. ନିରଞ୍ଜନ ମହାନ୍ତି ସଂଯୋଜନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ସୈକ୍ଷିକ୍ ମହାସଂଘର ସାଧାରଣ ସମ୍ପାଦକ ଶ୍ରୀ ମହେନ୍ଦ୍ର କାପୁର୍, ଉପ ସଭାପତି ମହେନ୍ଦ୍ର କୁମାର, ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷ ଡ ପ୍ରକାଶ ଚନ୍ଦ୍ର ଅଗ୍ରବାଲ, ଓ ରାଜ୍ୟ ସଭାପତି ଶ୍ରୀଯୁକ୍ତ ନିଲୁରାମ୍ ଜେନା,ପୂର୍ବାଂଚଳ ସଂଗଠନ ସମ୍ପାଦକ ଆଲୋକ ଚଟୋପାଧାୟ ଓ ରାଜ୍ୟ ସାଂଗଠାନିକ ସମ୍ପାଦକ ଡକ୍ଟର ନିରଞ୍ଜନ ମହାନ୍ତି, ପ୍ରମୁଖ ଯୋଗଦେଇ ୧୯୮୮ ମସିହାରେ ବିଦ୍ୟାଳୟ କ୍ଷେତ୍ରରେ ଅଖିଳ ଭାରତ ଶୈକ୍ଷୀକ ମହାସଂଘର ବୀଜ ବିପୋନ୍ କରାଯାଇଥିଲା ବର୍ତ୍ତମାନ ଏଥିରେ ୧୩ ଲକ୍ଷ ସଭ୍ୟ ଉକ୍ତ ମହସଂଗରେ ଅଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟ କାରି ହେବ ପାଇଁ ମହାସଂଘ ଯତ୍ପର ଚେଷ୍ଟିତ। ଆବଶ୍ୟକ ହେଲେ ଶିକ୍ଷକ ଙ୍କ ହିତରେ ଆନ୍ଦୋଳନ କରିବାକୁ ହୁଏ ବୋଲକହିଥିଲେ। ୫ ଜଣ ବରିଷ୍ଠ ଶିକ୍ଷାବିତ୍ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାରତୀୟ ଜ୍ଞାନ ପ୍ରଣାଳୀ ସମ୍ବନ୍ଧୀୟ କର୍ମଶାଳା

ଭୁବନେଶ୍ୱର, ୨।୧୨ (ମହାଭାରତ): ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ନିକଟରେ ପ୍ରଫେସର ବି. ମହାଦେବନ (ପୂର୍ବତନ ପ୍ରଫେସର, ଆଇଆଇଏମ୍ ବାଙ୍ଗାଲୋର) ଙ୍କ ଦ୍ୱାରା 'ଟ୍ରେଜର ଇନ ଉଡନ୍ ବକ୍ସ: ଭାରତୀୟ ଜ୍ଞାନ ପ୍ରଣାଳୀ (ସମୀକ୍ଷା ଏବଂ ପ୍ରାସଙ୍ଗିକତା) ଶୀର୍ଷକ ଏକ ବକ୍ତବ୍ୟ ଆୟୋଜିତ ହୋଇଯାଇଛି। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ ବାଙ୍ଗାଲୋର (ଆଇଆଇଏମବି) ଏବଂ ଆଇଆଇଟି ଦିଲ୍ଲୀ ଏବଂ ଏକ୍ସଏଲଆରଆଇ, ଜାମସେଦପୁର ଭଳି ଶିକ୍ଷାନୁଷ୍ଠାନ, ଗବେଷଣା, ପରାମର୍ଶ ଏବଂ ଏକାଡେମିକ୍ ପ୍ରଶାସନରେ ପ୍ରଫେସର ମହାଦେବନଙ୍କର ୩୦ ବର୍ଷର ବ୍ୟାପକ ଅଭିଜ୍ଞତା ରହିଛି।ଆଲୋଚନାର ଉଦ୍ଦେଶ୍ୟ ଥିଲା ଆନୁଷ୍ଠାନିକ ଭାବରେ ଭାରତୀୟ ଜ୍ଞାନ ପ୍ରଣାଳୀର ଧାରଣା ଏବଂ ଏହାର କିଛି ବିଶେଷତ୍ୱକୁ ସାମ୍ନାକୁ ଆଣିବା। ଏହି କାର୍ଯ୍ୟକ୍ରମ, ସଂକ୍ଷେପରେ ଭାରତୀୟ ସମାଜ ଦ୍ୱାରା ଗଣିତ, ଜ୍ୟୋତିର୍ବିଜ୍ଞାନ, ଟାଉନ୍ ପ୍ଲାନିଂ, ଧାତୁ ଏବଂ ଧାତୁ କାର୍ଯ୍ୟ, ସ୍ୱାସ୍ଥ୍ୟ ଏବଂ ସାଧାରଣ ପ୍ରଶାସନ ଭଳି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ଉଲ୍ଲେଖ କରିଥିଲା।ପ୍ରଫେସର ମହାଦେବନଙ୍କ ଉପସ୍ଥାପନା ବିଭିନ୍ନ କ୍ଷେତ୍ରରେ ଭାରତୀୟ ଜ୍ଞାନ ପ୍ରଣାଳୀର ବିସ୍ତୃତ ଐତିହାସିକ ଗଭୀରତାକୁ ଦର୍ଶାଇ ଭାରତୀୟ ଜ୍ଞାନ ପ୍ରଣାଳୀକୁ ଅନୁସନ୍ଧାନ କରିଥିଲା। ସେ ପ୍ରାଚୀନ ଗଣିତ ଏବଂ ଜ୍ୟୋତିର୍ବିଜ୍ଞାନ ଠାରୁ ଆରମ୍ଭ କରି (ଡାୟୋଫାଂଟାଇନ୍ ସମୀକରଣ ଏବଂ ସଂଖ୍ୟା ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରି) ସ୍ଥାପତ୍ୟ ଚମତ୍କାରତା (ଜୟସଲମେର ଦୁର୍ଗ ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ପରି) ଏବଂ ଧାତବ ବିଜ୍ଞାନ ସଫଳତା (ଯେପରିକି ୱୁଟ୍ ଷ୍ଟିଲ୍) ପର୍ଯ୍ୟନ୍ତ ଉଦାହରଣ ଉପସ୍ଥାପନ କରିଥିଲେ। ତାଙ୍କ ଆଲୋଚନାରେ ଜଳସେଚନ, ଜଳ ପରିଚାଳନା ଏବଂ ବିଧାନସଭା ହଲ୍ ନିର୍ମାଣରେ ଭାରତୀୟ ଜ୍ଞାନ ପ୍ରଣାଳୀର ଅବଦାନ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଐତିହାସିକ ଘଟଣା ତଥା ଔପନିବେଶିକ ନୀତି ହେତୁ ସେ ଏହାର ଅବନତି ବିଷୟରେ ମଧ୍ୟ ଆଲୋଚନା କରି ଏହାର ସଂରକ୍ଷଣ ତଥା ପୁନର୍ଜୀବନର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ପ୍ରଫେସର ମହାଦେବନ୍ କହିଛନ୍ତି: "ଭାରତ ହେଉଛି ଏକ ଦୀର୍ଘ ସଭ୍ୟତା ଇତିହାସ ସହିତ ରେକର୍ଡ ହୋଇଥିବା ଇତିହାସ, ସାଂସ୍କୃତିକ କଳାକୃତି ଏବଂ ପାଂଚ ସହସ୍ର ବର୍ଷରୁ ଅଧିକ ଅସ୍ତିତ୍ୱର ପ୍ରମାଣ। ସହସ୍ର ବର୍ଷରୁ ଅଧିକ ସମୟ ଧରି ବିଦେଶୀ ଆକ୍ରମଣର କ୍ରମାଗତ ଆକ୍ରମଣ ସତ୍ତ୍ୱେ ଭାରତୀୟଙ୍କ ଦ୍ୱାରା ବିକଶିତ ଜ୍ଞାନ ବ୍ୟବସ୍ଥା ପ୍ରାୟ ଅକ୍ଷୁର୍ଣ୍ଣ ରହିଥିଲା ଏବଂ ପିଢ଼ି ପରେ ପିଢ଼ିକୁ "ମୌଖିକ" ଭାବରେ ଅଗ୍ରସର ହୋଇଥିଲା। ଏମାନଙ୍କୁ ସାମୂହିକ ଭାବରେ ଭାରତୀୟ ଜ୍ଞାନ ପ୍ରଣାଳୀ ଭାବରେ କୁହାଯାଇପାରେ।

# କୃଷିର ବିକାଶ

ରାଜ୍ୟରେ ଶିଳ୍ପ ଓ ବାଣିଜ୍ୟ କାରବାରରେ ଉନ୍ନତି ଆସିଛି । ଅର୍ଥନୀତିରେ ଅନେକ ନୂଆ ଦିଗ ସୃଷ୍ଟି ହେଲାଣି । କିନ୍ତୁ ଏବେ ବି କୃଷି ଉପରେ ରାଜ୍ୟର ଅର୍ଥନୀତି ନିର୍ଭରଶୀଳ । ସ୍ୱାଧୀନତା ପରେ ରାଜ୍ୟରେ କୃଷି ଓ କୃଷି ବିକାଶ ନିମନ୍ତେ ଅନେକ ପଦକ୍ଷେପ ନିଆଯାଇଛି । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି । ଫଳରେ ରାଜ୍ୟରେ କୃଷି ବିକାଶ, କୃଷି ଉତ୍ପାଦନ ବୃଦ୍ଧି ସହ କୃଷକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି । ୪୦ ବର୍ଷ ତଳର କୃଷକ ଏବଂ ବର୍ତ୍ତମାନର କୃଷକଙ୍କ ଅବସ୍ଥାରେ ଆକାଶ ପାତାଳ ପ୍ରଭେଦ ଦେଖିବାକୁ ମିଳିବ । ଆଧୁନୀକ କୃଷି ପ୍ରଣାଳୀ, ଉନ୍ନତ ବିହନ, ସାର ଏବଂ କୀଟନାଶାକ ପ୍ରୟୋଗ ଦ୍ୱାରା କୃଷି ଉତ୍ପାଦନ ମଧ୍ୟ ବଢ଼ିଛି । କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ । ଏବେ ବି ଓଡ଼ିଶା ଦେଶର ଅନ୍ୟ ପ୍ରମୁକ ରାଜ୍ୟ ତୁଳନାରେ କୃଷି କ୍ଷେତ୍ରରେ ଅନେକ ପଛରେ ପଡ଼ିଛି । ଏହା ସହିତ ଲୋକସଂଖ୍ୟା ବୃଦ୍ଧି ଏବଂ ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି ହେତୁ କୃଷିଜାତ ସାମଗ୍ରୀର ଡିମାଣ୍ଡ ବା ଚାହିଦା ବଢ଼ିଛି । ସେ ଦୃଷ୍ଟିରୁ କୃଷି ଉତ୍ପାଦନ ବଢ଼ିଲେ ମଧ୍ୟ ଏହା ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ହେଉନାହିଁ । ନିକଟରେ ନୀତି ଆୟୋଗର ସଦସ୍ୟ ଓଡ଼ିଶାରେ କୃଷିର ସ୍ଥିତି ନେଇ ଯାହା କହିଛନ୍ତି ତାହା ବାସ୍ତବରେ ଉଦବେଗଜନକ । ସେ କହିଛନ୍ତି ଯେ, ଦେଶର ଅନ୍ୟାନ୍ୟ ରାଜ୍ୟ ବା ଜାତୀୟ ସ୍ତରରେ କୃଷି ବିକାଶ ତୁଳନାରେ ଓଡ଼ିଶାରେ କୃଷି ବାକାଶ ବହୁ ପଛରେ ପଡ଼ିଛି । ରାଜ୍ୟର ମାତ୍ର ୧୭ ପ୍ରତିଶତ ଜମିରେ ବର୍ଷ ତମାମ ଚାଷ ହେଉଛି । ବାକି ୮୩ ପ୍ରତିଶତ ଚାଷ ଜମି ବର୍ଷକୁ ୮ ମାସ ପଡ଼ିଆ ପଡୁଛି । ବର୍ଷା ଦିନେ ମାତ୍ର ୪ ମାସ ଏହିସବୁ ଜମିରେ ଚାଷ ହେଉଛି । ଯେତେବେଳେ ବନ୍ୟା, ବାତ୍ୟା ମରୁଡ଼ି ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଆସୁଛି ସେତେବେଳେ ସେହି ୧୭ ପ୍ରତିଶତ ଜମିରେ ମଧ୍ୟ ପ୍ରଯୁକ୍ତ ଉତ୍ପାଦନ ହୋଇପାରୁନି ଏବଂ ଫସଲ ନଷ୍ଟ ହେଉଛି । ଯଦି ଜଳସେଚନର ସୁବିଧା ଥାଆନ୍ତା ତେବେ ଏହିସବୁ ଜମିରେ ବର୍ଷ ତମାମ ବା ଅତି କମରେ ବର୍ଷକୁ ୮ ମାସ ଚାଷ ହୋଇପାରନ୍ତା । ଆଉ କିଛି ନହେଲେ ସାଧାରଣ ପନିପରିବା ଚାଷ ହେଲେ ଲୋକଙ୍କ ଦୈନିନ୍ଦିନ ଚାହିଦା ପୂରଣ ହୋଇପାରନ୍ତା ଏବଂ ଚାଷୀଙ୍କ ଆର୍ଥୀକ ସ୍ଥିତିରେ ଉନ୍ନତି ଆସିପାରନ୍ତା । କିନ୍ତୁ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଏବଂ ଯୋଜନା କାର୍ଯ୍ୟକାରୀ କରିବାରେ ଆନ୍ତରିକତା ନଥିବାରୁ ଏହା ସମ୍ଭବ ହୋଇପାରୁନି । ସରକାର ଯାହା ବି ନିଷ୍ପତ୍ତି ନେଉଛନ୍ତି ତାହା ତଳ ସ୍ତରରେ କାର୍ଯ୍ୟକାରୀ ହୋଇପାରୁନି । ଅଯୋଗ୍ୟ ଏବଂ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ଇଞ୍ଜିନିୟରଙ୍କ ପାଇଁ ଏହା ସମ୍ଭବ ହେଉନି । କେବଳ କୃଷି ଉତ୍ପାଦନ ନୁହେଁ, ମତ୍ସ୍ୟ, ପଶୁପାଳନ ଏବଂ କୁକୁଡ଼ା ଚାଷ ଭଳି ଅନେକ ପରୋକ୍ଷ କୃଷିରେ ମଧ୍ୟ ଓଡ଼ିା ପଛରେ ପଡ଼ିଛି । ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏ କ୍ଷେତ୍ରରେ ଅନେକ ଆଗରେ ଅଛନ୍ତି । ଓଡ଼ିଶା ସେମାନଙ୍କଠାରୁ କିଛି ଶିଖିବାର ପ୍ରୟାସ ମଧ୍ୟ କରୁନି । ସେଥିପାଇଁ ଆମକୁ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ନିମନ୍ତେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଆଳୁ, ବିଆଜ, ମାଛ, ଅଣ୍ଡାଠାରୁ ଆରମ୍ଭ କରି ଆମ୍ବ ପର୍ଯ୍ୟନ୍ତ ଆମେ ଅନ୍ୟ ରାଜ୍ୟରେ ନିର୍ଭର କରୁଛୁ ଏବଂ ଏଥିପାଇଁ ଓଡ଼ିଶାରେ ଏସବୁ ସାମଗ୍ରୀର ଦର ଅଧିକ ରହୁଛି ।

# ଆଖି ଥାଉ ଥାଉ ଅନ୍ଧ କିଏ, କାନ... ?

॥ ପଙ୍କଜ କୁମାର ପାଣିଗ୍ରାହୀ ॥


“ ଆଇନ ପରିସର ମଧ୍ୟରେ ତଦନ୍ତ ହେବ କିନ୍ତୁ ବେଆଇନ ସମ୍ପତ୍ତିର ଠାବ ହେଲେ ମଧ୍ୟ କୌଣସି ନିଦର୍ଶନ ନମିଳିଲେ ତାହା ଆଇନ ପରିସରଭୁକ୍ତ ହେବ ନାହିଁ ଏବଂ ସମ୍ପୃକ୍ତ ଭ୍ରଷ୍ଟାଚାରୀ ନିର୍ଦ୍ଦୋଶରେ ଖଲାସ ହେବ ଏବଂ ତାର ସ୍ୱଚ୍ଛ ଭାବମୂର୍ତ୍ତି ପ୍ରକାଶ ପାଇବ । ଆଉ ଲୋକେ ତାକୁ ନେଇ କେବଳ ହାସ୍ୟାସ୍ପଦ ଚର୍ଚ୍ଚା କରିବେ ଯେ ଦେଖ କେଡେ ଚତୁର ମଣିଷଟିଏ ଯେ ଏତେ ଦୁର୍ନୀତି, ଭ୍ରଷ୍ଟାଚାର କରି କୋଟି କୋଟି ଟଙ୍କା ଆତ୍ମସାତ କରି ମଧ୍ୟ କିଛି ହେଲା ନାହିଁ ତାହାର ।


ଏତ ଯିଏ ଭଲ ଥିବା ଆଖିରେ ପଟି ବାନ୍ଧିଛି ଏବଂ କାନରେ ଚୁଣ୍ଟା ଦେଇଛି ! ନା ଆଉ କିଛି ?!

ଆଖି ଥାଇ ଅନ୍ଧ ଓ କାନ ଥାଇ କାଲାର ଅଭିନୟ କରିବା କେବଳ ଖେଳରେ ହୋଇଥାଏ କିମ୍ୱା ସାଙ୍ଘାତିକ ବିପର୍ଯ୍ୟୟରେ । ସାମାଜିକ କ୍ଷେତ୍ରରେ ସାର୍ବଜନୀନ ଉଦ୍ଦେଶ୍ୟରେ ଏହି ଖେଳ ଯେ ସର୍ବସାଧାରଣଙ୍କୁ ବ୍ୟାପକ ପ୍ରଭାବିତ କରିଥାଏ ସେକଥା ପଶୁନାହିଁ କାହା ମନରେ । କି ଆଶ୍ଚର୍ଯ୍ୟର କଥା ଆମ ଦେଶର ସାମ୍ବିଧାନିକ ଆଇନ ତଥା ଲୋକଙ୍କ ଗ୍ରହଣୀୟତା । ଦେଶ ବ୍ୟାପି ସମସ୍ତେ ବୁଝୁଛନ୍ତି ଦୁର୍ନୀତି ଓ ଭ୍ରଷ୍ଟାଚରର ପ୍ରକୋପ, କିନ୍ତୁ ସମସ୍ତେ କିଂକର୍ତ୍ତବ୍ୟ ବିମୁଢ଼ ଅବସ୍ଥାରେ । ବାଟ ଘାଟରେ, ଚ଼’ ଖଟିରେ, ସମ୍ମିଳନୀରେ ହେଉକି ବୈଠକରେ ସବୁଠି କେବଳ ଚର୍ଚ୍ଚା ଶୁଣିବାକୁ ମିଳୁଛି ଯେ ଭ୍ରଷ୍ଟାଚାରୀ କିଏ ଏବଂ ସେମାନଙ୍କ ଆର୍ଥିକ ହିସାବ କ’ଣ ?! ଏହିସବୁ କଥା ଆଉ ତା’ର ହିସାବ ଲୋକଙ୍କୁ ମିଳିଯାଉଅଛି, ବୁଝିଯାଉଛି କିନ୍ତୁ ଶାସନ, ପ୍ରଶାସନଙ୍କୁ ନୁହେଁ ! କହିବାକୁ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଯାହା ସର୍ବସାଧାରଣଙ୍କ ନିଜସ୍ୱ ଶାସନ । କିନ୍ତୁ ସାଧାରଣ ଲୋକଙ୍କ କିଛି କରିପାରିବା ଭଳି କୌଣସି କ୍ଷମତା ନାହିଁ କି ପରିସର ! ସରକାରୀ କ୍ଷମତାଧାରୀଙ୍କୁ ତାହାର ହିସାବ ମିଳୁନି କି ବାଟ ପାଉନାହାନ୍ତି ଶାସନ କଳ ! ଅଭିଯୋଗ ଆସିଲେ ତଦନ୍ତ ହେବ ଆଉ ସେହି ତଦନ୍ତ ଯେମିତି ହେବ ସେକଥା ମଧ୍ୟ ସମସ୍ତେ ଜାଣନ୍ତି ଏବଂ ତଦନ୍ତରେ ଯାହା ବାହାରିବ ତାହାହିଁ ସର୍ବସ୍ୱ ।

ଆଇନ ପରିସର ମଧ୍ୟରେ ତଦନ୍ତ ହେବ କିନ୍ତୁ ବେଆଇନ ସମ୍ପତ୍ତିର ଠାବ ହେଲେ ମଧ୍ୟ କୌଣସି ନିଦର୍ଶନ ନମିଳିଲେ ତାହା ଆଇନ ପରିସରଭୁକ୍ତ ହେବ ନାହିଁ ଏବଂ ସମ୍ପୃକ୍ତ ଭ୍ରଷ୍ଟାଚାରୀ ନିର୍ଦ୍ଦୋଶରେ ଖଲାସ ହେବ ଏବଂ ତାର ସ୍ୱଚ୍ଛ ଭାବମୂର୍ତ୍ତି ପ୍ରକାଶ ପାଇବ । ଆଉ ଲୋକେ ତାକୁ ନେଇ କେବଳ ହାସ୍ୟାସ୍ପଦ ଚର୍ଚ୍ଚା କରିବେ ଯେ ଦେଖ କେଡେ ଚତୁର ମଣିଷଟିଏ ଯେ ଏତେ ଦୁର୍ନୀତି, ଭ୍ରଷ୍ଟାଚାର କରି କୋଟି କୋଟି ଟଙ୍କା ଆତ୍ମସାତ କରି ମଧ୍ୟ କିଛି ହେଲା ନାହିଁ ତାହାର । ଏସବୁ ଦେଖିଲେ ଛୋଟ ପିଲାଙ୍କ ବାଚଲାମୀ କିମ୍ୱା ବାୟା ପାଗଳଙ୍କ ବିଚାର ଭଳି ମାନେ ହେଉଛି ଆଜି ସମୟରେ ଆମ ଦେଶର ପରିସ୍ଥିତି ଯାହା ସମସ୍ତେ ଜାଣୁଛନ୍ତି, ବୁଝୁଛନ୍ତି । ତଥାପି କାହାର କିଛି ପ୍ରତିବାଦ ନଥାଇ କୋଟି କୋଟି ଲୋକଙ୍କ ଜୀବନ ଯନ୍ତ୍ରଣାର ସୀମା ନାହିଁ । ଏସବୁ କ’ଣ ପରିବର୍ତନ କରି ହେବ ନାହିଁ ନା ଆକାଶ ମାର୍ଗରୁ ନିର୍ଦ୍ଦେଶ ଅଛି ଏମିତି କରିବା ପାଇଁ, ବିଚାର କରି ଦେଖିବା...

ଆଜ୍ଞା ସମସ୍ତେ ଜାଣିଶୁଣି ଦୁର୍ନୀତି, ଭ୍ରଷ୍ଟାଚାର କରାଯାଉଥିବା ଏବଂ କେତେକ ଲୋକ ପର୍ଯ୍ୟାପ୍ତ ପରିମାଣର ଧନସମ୍ପତ୍ତି ଦେଶରୁ ଲୁଣ୍ଠନ କରି ନେଇ ସାଧାରଣ ଲୋକଙ୍କୁ ନିଷ୍ପେସିତ କରି ରଖିଥିବା କୌଣସି ଆଶ୍ଚର୍ଯ୍ୟଜନକ ନୂଆ କଥା ନୁହେଁ କାହା ପାଇଁ, ଏହା ସମସ୍ତେ ଜାଣନ୍ତି । ହେଲେ ତାହାର ପ୍ରତିବାଦ, ପ୍ରତିକାର ନାହିଁ କାହା ପାଖରେ, କାହିଁକି ?!! ଏହା କୌଣସି ପରି ରାଇଜର ଅଲୌକିକ କ୍ଷମତାଧାରୀଙ୍କ ଇଚ୍ଛାପ୍ରକାଶ ନୁହେଁ କି ନିର୍ଦ୍ଦେଶ ନୁହେଁ । କେବଳ ଆମ ଦେଶର ସମ୍ବିଧାନ ଇଂରେଜ ସମ୍ବିଧାନର ନକଲ ହୋଇଥିବା କାରଣରୁ ସମ୍ଭବ ହୋଇଥାଏ । ସେହି ଇଂରେଜ ଶାସିତ ସମ୍ବିଧାନରେ ଯାହାସବୁ ଲେଖା ଅଛି ତାହା କେବଳ ଶାସନ କଳରେ ରହିଥିବା ମଣିଷଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ରହି ସର୍ବସାଧାରଣଙ୍କୁ ପ୍ରତାରିତ କଲାଭଳି ସାମ୍ବିଧାନିକ ଆଇନ ଗୁଡିଏ ଯାହା ବ୍ରିଟିଶ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କରିଥିଲା । ତେଣୁ ପ୍ରଶାସନ, ଶାସନ କଳରେ ସଂଯୋଜିତ ମଣିଷଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ଅଭିଲିଖିତ ଆଇନ ଗୁଡିକ ଯୋଗୁଁ ଏହିସବୁ ସମ୍ଭବ ହୋଇପାରୁଛି ଆମ ଦେଶରେ । ଭାରତୀୟ ସାଂସ୍କୃତିକ ଚେତନାରେ ଆଇନ ଅଭିଲେଖ କରାଗଲେ ନିମିଷକ ମଧ୍ୟରେ ସବୁ କଳାଧନ ହେଉକି ଦୁର୍ନୀତି, ଭ୍ରଷ୍ଟାଚାର ପଦାରେ ପଡି ସଂଯୋଜିତ ଅଭିଯୁକ୍ତଙ୍କୁ ଯଥେଷ୍ଟ ଦଣ୍ଡବିଧାନ କରାଯାଇ ପାରିଥାନ୍ତା । କିନ୍ତୁ ଅଦ୍ୟାବଧି ପୂର୍ବର ସବୁ କେଳେଙ୍କାରୀ ଗୁଡିକୁ ସମୀକ୍ଷା, ସମାଲୋଚନା କରାଯାଉଥିଲେ ମଧ୍ୟ ଏହି ସାମ୍ବିଧାନିକ ଆଇନ ଗୁଡିକର କୌଣସି ସମୀକ୍ଷା, ସମାଲୋଚନା କରିନଥାନ୍ତି କୌଣସି ଶାସକ ଗୋଷ୍ଠୀ ଯାହା ସେମାନଙ୍କ ପାଇଁ ବରଦାନ ସ୍ୱରୂପ ରଖି ଯାଇଛନ୍ତି ଆମ ପୂର୍ବଜ ତଥାକଥିତ ସ୍ୱାଧୀନତା ସଂଗ୍ରାମୀ ସମୂହ । ତେଣୁ ଆମ ଦେଶ ଯେମିତି ଥିଲା ଦିନକୁ ଦିନ ତାହାଠାରୁ ନିମ୍ନଗାମୀ ହେବାଛଡା କୌଣସି ଉନ୍ନତି କରିନାହିଁ କି କରିପାରିବ ନାହିଁ ।

ଅନ୍ୟ ଏକ ଦିଗରେ ଦେଖିଲେ ଜାଣିହେବ ଯେ ସେହି ଆଇନ ଗୁଡିକ ମଧ୍ୟରେ ଅନେକ ବ୍ୟବସ୍ଥା ରହିଥିବା ବେଳେ ନ୍ୟାୟୀକ ବ୍ୟବସ୍ଥା ବୋଲି ଗୋଟିଏ ଅଛି ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ଅବସ୍ଥାରେ ପ୍ରଚଳିତ ଆମ ଦେଶରେ ଯାହା ସବୁ ସେହି ଇଂରେଜ ପ୍ରଣୋଦିତ ଆଇନ ମଧ୍ୟରେ ସମାହିତ । ନ୍ୟାୟାଳୟ ବୋଲି ଗୋଟିଏ ସଂସ୍ଥାପିତ କକ୍ଷର ପ୍ରବେଶ ଦ୍ୱାରରେ ଜଣେ ନିରବଛିନ୍ନ ନ୍ୟପାଳିକାଙ୍କ ପ୍ରତିମୂର୍ତ୍ତିକୁ ନମୁନା ଭାବେ ପ୍ରଦର୍ଶିତ କରି ବିଚାର କରାଯାଇଥାଏ ବିଚାରାଳୟରେ । ସେହି ପ୍ରତିମୂର୍ତ୍ତିର ନିଦର୍ଶନ ରହିଥାଏ ଯେ ଆମ ବିଚାରପତି ଜଣେ ନିରପେକ୍ଷ ମଣିଷ ଯେମିତି ସେହି ପ୍ରତିମୂର୍ତ୍ତିଟି ଦେଖିବାକୁ ହୋଇଥାଏ । ପ୍ରତିମୂର୍ତ୍ତି ନ୍ୟପାଳିକାଙ୍କ ଆଖି ଆଉ କାନକୁ ଧରି ଗୋଟିଏ ପଟି ବାନ୍ଧି ରଖାଯାଇ ଅଛି ଯାହା ନିଦର୍ଶନ କାରେକି କିଛି ଦେଖି ହେଉନାହିଁ କି କିଛି ଶୁଣି ହେଉନାହିଁ । ଠିକ୍ ସେହିଭଳି ଆମ ବିଚାରପତି ଗଣ ମଧ୍ୟ କିଛି ଦେଖି ପାରୁନାହାନ୍ତି କି ଶୁଣି ପାରିନଥାନ୍ତି ଯାହା ବ୍ରିଟିଶ କେବଳ ଶିଖାଇଛି ଆମକୁ । ନହେଲେ ଏହା ଆମର ବାସ୍ତବ ଚେହେରା ନୁହେଁ । ହେଲେ ସେହି ପ୍ରତିମୂର୍ତ୍ତି ଭଳି ସମ୍ପୃକ୍ତ ନ୍ୟାୟବତୀ / ନ୍ୟାୟମୂର୍ତ୍ତି ମଧ୍ୟ କାନ ଥାଇ କିଛି ଶୁଣିପାରନ୍ତି ନାହିଁ କିମ୍ୱା ଆଖି ଥାଇ କିଛି ଦେଖି ପାରୁନଥିବା ନିଦର୍ଶିତ ହୋଇଥାଏ ସେହି ପ୍ରତିମୂର୍ତ୍ତି ମାଧ୍ୟମରେ । ହେଲେ ନ୍ୟାୟ ମିଳେ କେମିତି ଆଉ ବିଚାରଣ ହୁଏ କେମିତି ? ଏହା ଏକ ଅଲୌକିକ ବିଷୟ ଯାହା ବୁଝିବା ସହଜ ନୁହେଁ ମୋ ଭଳି ନିର୍ବୋଧ କିମ୍ୱା ଆପଣଙ୍କ ଭଳି ସାଧାରଣ ଲୋକଙ୍କ ପାଇଁ । କାରଣ ସେଗୁଡିକ ମଧ୍ୟ ସେହି ବ୍ରିଟିଶ ପ୍ରଣୋଦିତ ନିୟମ, ସୂତ୍ର ମଧ୍ୟରେ ସମାହିତ ଯାହା ତାଙ୍କ ଗୁପ୍ତ ରହସ୍ୟ ସମୟ, କ୍ଷେତ୍ରକୁ ନେଇ ।

ଶିଳ ସିଲୁପା ଗଗନେ ଉଡୁଛି ଭୁର୍ତୁଳା କହୁଛି ମତେ ଠାବ ଦେ...! ଯେତେବେଳେ ଏତେ ଶିକ୍ଷିତ ଉପରିସ୍ଥ ମଣିଷ ମାନଙ୍କୁ ସାମାଜିକ ଦାଇତ୍ୱ ଦିଆଯାଇ ସେମାନଙ୍କ ଆଖି, କାନକୁ ବାନ୍ଧିଦେଇ ଆଖି ଥାଇ ଅନ୍ଧ, କାନ ଥାଇ କାଲା କରିଦିଆଯାଇଛି ଆଉ ସାଧାରଣ ମଣିଷଙ୍କ ସ୍ଥିତି କେଉଁଠି ?! ତେଣୁ ଆମେ ସମସ୍ତେ ଆଖି ଥାଇ ଅନ୍ଧ ଏବଂ କାନ ଥାଇ କାଲା ଭଳି ଅଭିନୟ କରୁଛେ, କରୁଥିବା ! ଭ୍ରଷ୍ଟାଚାରୀ ଆମକୁ ଲୁଟୁଥିବେ ଆମେ ନିର୍ଯାତନାର ଶିକାର ହୋଇ ନିଷ୍ପେସିତ ହୋଇ ବଂଚୁଥିବା ଆମ ସହଜାତ ପ୍ରକୃତିରେ ପରିଣତ ଆମେ ଏକ ଅଲୌକିକ ତନ୍ତ୍ରର ପରାଧୀନ ନାଗରିକ ଭାବେ ଅନ୍ତତଃ ବଂଚିବାର ସୁଯୋଗ ମିଳୁଥିବା ହେତୁ ନିଜକୁ କୃତଜ୍ଞ କରି ଚାଲିଥିବା କେବଳ ଭାରତ ମାତାଙ୍କ ଜୟଗାନ କରି । ଆଉ ଅଧିକ ଭାବିଲେ ଯେ ଜୀବନ ଆମର ଆହୁରି କଠୋର ହେବ ସେଇଥିରେ କୌଣସି ସନ୍ଦେହ ନାହିଁ ଯାହା ସାଧାରଣରେ ସମସ୍ତେ ଜାଣୁଛନ୍ତି, ବୁଝୁଛନ୍ତି ମଧ୍ୟ । ତେଣୁ ଜଣେ ଉତ୍ତମ ନାଗରିକର ଆଖ୍ୟା ପାଇବାକୁ ହେଲେ ମୁଖର ଲଜ୍ଜାକୁ କାଢି ପଛରେ ପୋଛି ସମସ୍ତେ ନିଜକୁ କାନ ଥାଇ କାଲା ଆଖି ଥାଇ ଅନ୍ଧ ଭଳି ପରିଚାଳିତ କରି ଚାଲିବା ଶିକ୍ଷା କରିବା ହିଁ ଶ୍ରେୟ ଆଜି ସମୟରେ ଯାହା ଆମ ଦେଶର ପରିସ୍ଥିତି ପରିବେଶ ଆମକୁ ଶିକ୍ଷା ଦେଉଛି ବୋଲି ଆମ ବିଚାରରେ ଆପଣଙ୍କ ଅନୁଭବ କ’ଣ ...??!


ଛତ୍ରପୁର, ଗଂଜାମ-୭୬୧୦୨୦


# ଜୀବନର ପ୍ରବାହ

॥ ଅନୀତା ପଟ୍ଟନାୟକ ॥

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ । ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ । ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ । ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି । ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ । ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି । ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା’ ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି । ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି । ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି । ସେ ମଧ୍ୟ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ । ଦେଖିଲି ସାପ, ମାଙ୍କଡ, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ । ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା । ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ । ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି ? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି । ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି । ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ । କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି । ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ । ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର । ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ । ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ । ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ । ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ । ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ । ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ୍ୟ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ । ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ । ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ । ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ । ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ । ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି । ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି । ମୋର ବାପା ମୋ ନିକଟରେ ବସିଛନ୍ତି । ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି ? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା । ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ । ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ ।


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬


# ଯେପରି କହୁଛ ସେପରି କର

॥ ଅନୀତା ପଟ୍ଟନାୟକ ॥

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ । ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା । ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ । ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧ୍ୟରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି ।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ । ସେ ଭଗବାନଙ୍କର ଭକ୍ତି ‘ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି’ । ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ । ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ । ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା । ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ । କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ ‘ତୁମେ କୁଆଡ଼େ ଯାଇଥିଲ’ ବୋଲି ପ୍ରଶ୍ନ କରିଥିଲେ । ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି । ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି । ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା । ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା । ସଂସ୍କାର ବାବୁ ରାଜେଶକୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ । ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ । ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ୍ୟ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ । ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି ।

ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ତେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଳୁଟିଏ ଉଠାଇ ଆଣିଥିଲା । ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଳୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ । ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ । ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ । ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲା ହେବା ପାଇଁ ମନରେ ସ୍ଥିର କରିନେଲା । କିନ୍ତୁ ଏ କ’ଣ ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱତା ନାହିଁ । ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ । କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ । ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ । ରାଜେଶ ଭାବୁଥିଲା ଏ କ’ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ । ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର । ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି ? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ । ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ । ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା । ବାପା ରାଜେଶକୁ କହିଲେ ‘ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି । ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ । ଓକିଲାତି ଏକ ବ୍ୟବସାୟ । ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ୍ୟ ସେ ତାର ପରିବାର ପ୍ରତିପୋଷଣ କରିଥାଏ । ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି । ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର । ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ । ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା । ତାର କାନରେ ସ୍କୁଲ ଦିନର ପ୍ରାର୍ଥନା ‘ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଭଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା । ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ ‘ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ । ତାର ମନେ ପଡ଼ିଲା ଏହାମଧ୍ୟ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା । ’ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ’ । ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା । ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ । ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା ‘ତୁମି ଏକଲା ଚଲୋରେ’ ।

# ଓଷ୍ଟା ପକ୍ଷରୁ ୪୧ ତମ ଶିଶୁ ଉତ୍ସବ ଅନୁଷ୍ଠିତ

ବରୀ,(ମହାଭାରତ);ଶିଶୁ ମାନଙ୍କ ଲୁକାୟିତ ପ୍ରତିଭାକୁ ଚିହ୍ନଟ କରିବା ନିମନ୍ତେ ଓଷ୍ଟା ପକ୍ଷରୁ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ କରାଯାଇଛି। ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧିନସ୍ଥ ମହେଶ୍ୱର ମଲ୍ଲ ହାଇସ୍କୁଲ ସୁକଳ ଠାରେ ଓଷ୍ଟା ପକ୍ଷରୁ ୪୧ ତମ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସେହିପରି ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶିଶୁ ମାନଙ୍କ ଉଦ୍ଦେଶ୍ୟରେ ମତ ପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଓଷ୍ଟାର ବରୀ ବ୍ଲକ ସଭାପତି



ରବିନ୍ଦ୍ର କୁମାର ପତି ସଭାପତିତ୍ୱ କରିଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ସମ୍ପାଦକ ପବିତ୍ର କୁମାର ପଣ୍ଡା ଯୁଗ୍ମ ସମ୍ପାଦକ ରାଜ କିଶୋର ପରିଡା , ବ୍ଲକ ସମ୍ପାଦକ ଦିବ୍ୟ ଲୋଚନ ପ୍ରଧାନ , ଅନିରୁଧ ମଲ୍ଲ,ଡଃ ନୃସିଂହ ଚରଣ ବେହେରା , ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ଭାଗ୍ୟଧର ସାହୁ, ନିର୍ମଳ କୁମାର ଜେନା , ଇଂଜିନିୟର ପଦ୍ମଶ୍ରୀ ପାର୍ଥ ସାରଥି ପାଣିଗ୍ରାହୀ, ଅଶୋକ କୁମାର ବାରିକ, ସ୍ଥାନୀୟ ସରପଂଚ ଚପଳା ମଲ୍ଲ ପ୍ରମୂଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କୁ ନାଚ ଗୀତ ସହିତ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦିଆଯାଇ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେହିପରି ବରୀ ବ୍ଲକର ବିଭିନ୍ନ ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୩୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ର୍ତ, ସଙ୍ଗୀ.ନୃତ୍ୟ , କବିତା ପାଠ, ଏକକ ଅଭିନୟ,ସାଧାରଣ ଜ୍ଞାନ , ଚିତ୍ରଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ପାଇଁ ,ନିମନ୍ତ୍ରଣ ମଧ କରାଯାଇଥିଲା।ଏହି କାର୍ଯ୍ୟକ୍ରମେର ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ।

# ରାଧାନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ



(ବସ୍ତା /ମହାଭାରତ) ବସ୍ତା ବ୍ଲକ ପାଉଁଶକୁଲି ସ୍ଥିତ ରାଧାନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ କୁ ସ୍ଥାନୀୟ ସରପ□ ବିନ୍ଦୁବାଳା ସେନାପତି କ୍ରୀଡା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିବା ବେଳେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ। କ୍ରୀଡା ଶିକ୍ଷକ ଚନ୍ଦ୍ରକାନ୍ତ ଘଡ଼ାଇ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ରେ ଭାଗ ନେଇ ଦୌଡ଼,ସଟପୁଟ, ଜେଭଲିନ୍ ,ଡିସକସ୍, ଲମ୍ଫ ଡ଼ିଆଁ, ଉଚ୍ଚ ଡିଆଁ, ସ୍ଲୋ - ସାଇକେଲ ରେସ୍ , ମିଉଜିକ୍ ଚେୟାର ଇତ୍ୟାଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତି ପ୍ରଦର୍ଶନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବି ଇନ୍ଦୁମାଧବ ମହାନ୍ତି, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ନନ୍ଦ ଓ ସମ୍ମାନୀୟ ଅତିଥି ଭାବେ ବୃନ୍ଦାବନ ପଣ୍ଡା ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ, ଛାତ୍ର ଜୀବନରେ କ୍ରୀଡା ଦକ୍ଷତା ବିକାଶ କରିବା ସହିତ ଶୃଙ୍ଖଳିତ କରିଥାଏ ବୋଲି ମତ ବ୍ୟକ୍ତି କରି, କୃତି ଛାତ୍ର ଛାତ୍ରୀଙ୍କୁ ସାର୍ଟିଫିକେଟ, ମେଡେଲ, ପୁଷ୍ପୋଗୋଛ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ, ଶିକ୍ଷକ ଅରୁଣ କୁମାର୍ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଉଦଳା ମହୋତ୍ସବ ଧୁମୁସା-୨୦୨୪ ପାଳନ ପ୍ରସ୍ତୁତି ବୈଠକ

ଉଦଳା--(ମହାଭାରତ ) ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଉଦଳା ମହୋତ୍ସବ ଧୁମୁସା-୨୦୨୪ ପାଳନ ପରିପ୍ରେକ୍ଷୀରେ ଉପଜିଲ୍ଲାପାଳ, କପ୍ତିପଦା, ଉଦଳା ସୁଶାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ସନ୍ଧାନ ଗୃହ ଉଦଳା ଠାରେ ସୋମବାର ଦିବା ୧୧ ଘଟିକା ସମୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢେଇ ଯୋଗ ଦେଇଥିବାବେଳେ ଅନ୍ୟାନ୍ୟ ଅତିଥି ଭାବେ ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ, ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦୋଳମଣି ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ । ତତ୍ସହିତ ବିଭିନ୍ନ ବ୍ଲକ୍ର ଅଧକ୍ଷ. ଅଧକ୍ଷା, କପ୍ତିପଦା ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ,ଅଧକ୍ଷା, ମହୋତ୍ସବ ସାଧାରଣ ପରିଷଦର ସଦସ୍ୟ, ସଦସ୍ୟା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥାନ ଓ ତାରିଖ ନିର୍ଦ୍ଧାରଣ, କୋର କମିଟି ଗଠନ, ଅତିଥି ଓ ସାଂସ୍କୃତିକ ଦଳ ଯୋଗାଯୋଗ, ପ୍ରଦର୍ଶନୀ ଷ୍ଟଲ, ସାଂସ୍କୃତିକ କାର୍ଯ୍ୟକ୍ରମ, ମ□ସଜ୍ଜା, ସ୍ମରଣିକା ପ୍ରକାଶନ, ପ୍ରତିଭା ସମ୍ମାନ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସର୍ବପ୍ରଥମେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେବା ପରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ରମେଶ ପୃଷ୍ଟି ବିଗତ ବର୍ଷ ମହୋତ୍ସବର ଆୟ ବ୍ୟୟ ଉପସ୍ଥାପନ କରିଥିଲେ ।ସମସ୍ତ ମଞ୍ଚାସୀନ ଅତିଥିଙ୍କ ସମେତ ଉପସ୍ଥିତ ବ୍ଲକ୍ ଅଧକ୍ଷ, ଅଧକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ସଦସ୍ୟ, ସଦସ୍ୟା ମାନଙ୍କ ଠାରୁ ମତାମତ ନିଆଯାଇ ଚଳିତ ବର୍ଷ ମହୋତ୍ସବ ଡ଼ିସେମ୍ବର ୨୬ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ମହାଆଡ଼ମ୍ବରରେ ପାଳିତ ହେବାକୁ



ସିଦ୍ଧାନ୍ତ ଗ୍ରହଣ କରାଗଲା । ଉପଖଣ୍ଡର ୪ ଗୋଟି ବ୍ଲକ୍ ଏବଂ ଉଦଳା ଏନ୍.ଏ.ସି. ତଥା ଉପଖଣ୍ଡ ମହୋତ୍ସବ କମିଟି ତରଫରୁ ମୋଟ ୪ ଦିନ ପାଇଁ ଆୟୋଜିତ ହେବାକୁ ଥିବା ପ୍ରଥମ ଉଦ୍ୟାପନୀ ଦିବସରେ ଉଦଳା ବ୍ଲକ୍ ଏବଂ ଉଦଳା ଏନ୍.ଏ.ସି., ଦ୍ୱିତୀୟ ଦିବସରେ ଖୁଣ୍ଟା ଏବଂ ଗୋପବନ୍ଧୁନଗର ବ୍ଲକ୍, ତୃତୀୟ ଦିବସରେ କପ୍ତିପଦା ବ୍ଲକ୍ ଏବଂ ଚତୁର୍ଥ ଉଦ୍ୟାପନୀ ଦିବସରେ ଉପଖଣ୍ଡସ୍ତରୀୟ ପାଳନ କମିଟି ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଗଲା । ଏଥିସହିତ ଉଦଳା ମହୋତ୍ସବ ଧୁମୁସା-୨୦୨୪ ନିମନ୍ତେ ପ୍ରକାଶିତ ହେବାକୁ ଥିବା ସ୍ମରଣିକା ପାଇଁ ଲେଖକ ଲେଖିକା ମାନେ ଉପଖଣ୍ଡର କଳା, ସାହିତ୍ୟ, ସଂସ୍କୃତି ଆଧାରିତ କବିତା, ପ୍ରବନ୍ଧ, ଗଳ୍ପ ଭିତ୍ତିକ ଲେଖା ଆସନ୍ତା ତା ୭/୧୨/୨୦୨୪ ରିଖ ସୁଦ୍ଧା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ବାକ୍ସରେ ପ୍ରଦାନ କରିବାକୁ ସ୍ଥିର କରାଗଲା । ସର୍ବଶେଷରେ ଧନ୍ୟବାଦ ଅର୍ପଣ ପରେ ସଭାପତି ସଭାସାଙ୍ଗ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଅଜି ମହାପାତ୍ର, କରୁଣାକର ମହାନ୍ତ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଇଭାନ ଦଳେଇ, ସନ୍ଧାନ ଗୃହ ଦାୟିତ୍ୱରେ ଥିବା ବିଜୟ କୁମାର ରାୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଜୁନାଗଡ଼ର ଦ୍ୱାଦଶ ତମ ବାର୍ଷିକ କ୍ରୀଡ଼ା ସମାରୋହ

ଜୁନାଗଡ଼,, ମହାଭାରତ,, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ଭାରତୀୟ ବିଦ୍ୟା ନିକେତନ ଠାରେ ଦ୍ୱାଦଶ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏହୀ କ୍ରୀଡା ପ୍ରତିଯୋଗିତା ରେମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଶ୍ରୀ ଦିଲିପ କୁମାର ଖାନସମା ପ୍ରଧାନ ଶିକ୍ଷକ ଗନ୍ତାୟତ ପଡା,ବିଦ୍ୟାଳୟ , ଶ୍ରୀ ରମେଶ ରାଉତ ଏବଂ ଶ୍ରୀମତୀ ପୁଷ୍ପାଞ୍ଜଳି ଦଣ୍ଡସେନା, ସମ୍ମାନିୟ ଅତିଥି, ଭାବେ ଯୋଗ ଦେଇଥିଲେ,ପ୍ରଧାନ ଆଚାର୍ଯ୍ୟ ସନ୍ କୁମାର ଯୋଷୀ ଙ୍କ ତତ୍ତ୍ୱାବଧାନ ରେ କ୍ରୀଡ଼ା ପ୍ରତୀ ଯୋଗିତା ଆରମ୍ଭ ହୋଇ ଥିଲେ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ ଗୁରୁଜୀ ସୁନ୍ଦୁ ତ୍ରିପାଠୀ,ପ୍ରଦୀପ ଧ ମାଝି, ପ□ାନନ ହଂସ ଏବଂ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ। ଶିଶୁ ବାଟିକା ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତି ଯୋଗୀତରେ ସମସ୍ତ ବିଜୟୀ କ୍ରୀଡାବି ଛାତ୍ର ଛାତ୍ରୀ ମାନଙ୍କୁ ପୁରଷ୍କୃତ କରାଯାଇଥିଲା।

# ପାଟଣା ରାଜ୍ୟସ୍ୱ ବିଭାଗ ଦ୍ୱାରା ସରକାରୀ ଜମି ଚିହ୍ନଟ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବଜାର ଅଞ୍ଚଳ ଦେଇ ଯାଇଥିବା ରାଜପଥ ପ୍ରଶସ୍ତି କରଣ କାମ ହେଉଛି। ପାଟଣା ବଜାର ମଧ୍ୟରେ ବିଭିନ୍ନ ଦୋକାନ ନିର୍ମାଣ ହୋଇ ଥିବାରୁ ରାସ୍ତା ସଙ୍କୁଚିତ ହୋଇ ଯାଇଛି ।ଏପରିକି ବଜାର ମଧ୍ୟରେ ସାଇକେଲ ଟିଏ ମଧ ଛିଡ଼ା କରିବାକୁ ସ୍ଥାନ ନାହିଁ ।ପ୍ରିଦିନ ବଜାର ଅଞ୍ଚଳରେ ଟ୍ରାଫିକ ଜାମ ରହୁଛି ।ଏଭଳି ସ୍ଥିତିରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ କେତେ ସରକାରୀ ଜାଗା ରହିଛି ଓ ତନ୍ମଧ୍ୟରୁ କେତେ ଜବର ଦଖଲ ରେ ରହିଛି ତାହା ଚିହ୍ନଟ କରା ଯାଉଛିୟଚିହ୍ନଟ ପରେ ଆବଶ୍ୟକ ପଡ଼ିଲେ ଉଚ୍ଛେଦ କରିବାକୁ ରାଜସ୍ୱ ବିଭାଗ କୁ ଚଠି କରାଯାଇଛି। ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ଆଜି ପାଟଣା ତହସିଲ ପ୍ରଶାସନ ଓ ପୂର୍ତ୍ତ ବିଭାଗ କର୍ମଚାରୀ ଙ୍କ ଉପସ୍ଥିତି ରେ ଏହି ସରକାରୀ ଜାଗା ଚିହ୍ନଟ ପ୍ରକ୍ରିୟା ଆଜି ପୂର୍ବାହ୍ନ ରୁ ସନ୍ଧ୍ୟା ଯାଏ ଚାଲିଥିଲା ।ଏଥିରେ ପାଟଣା ତହସିଲଦାର ଲୀଳାବତୀ ନାୟକ,ଅତିରିକ୍ତ ତହସିଲଦାର ସରଣ କୁମାର ଜେନା ଓ ପର୍ତ୍ତ ବିଭାଗର ଅଧିକାରୀ ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ରାଜସ୍ୱ ନିରୀକ୍ଷକ ବନମାଳୀ ନାୟକ ସମେତ ଅନ୍ୟ ରାଜସ୍ୱ ନିରୀକ୍ଷକ ଓ ଅମିନ ମାନେ ଚିହ୍ନଟ କରିଥିଲେ ।ଅପ୍ରୀତିକର ପରିସ୍ଥିତି କୁ ଏଡ଼ାଇବା ପାଇଁ ପାଟଣା ପୁଲିସ ଉପସ୍ଥିତ ଥିଲେ।

# ବିଶ୍ୱ ଏଡ଼ସ ଦିବସ ପାଳିତ

କପ୍ତିପଦା -(ମହାଭାରତ ): କପ୍ତିପଦକ୍ଷ - କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର 'ରେଡ ରିବନ୍ କ୍ଲବ' ଏବଂ ୟୁଥ୍ ରେଡକ୍ରସର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ବିଶ୍ ଏଡ଼ସ ଦିବସ ପାଳନ ହୋଇଯାଇଛି ।ମହାବିଦ୍ୟାଳୟ ପରିସରରୁ ଶରତ ବଜାର ପର୍ଯ୍ୟନ୍ତ ଏଡ଼ସ ସଚେତନତା ପଦଯାତ୍ରା କରିଥିଲେ । ଉକ୍ତ ଅବସରରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅଧକ୍ଷ ଡ. ଭଗବାନ ପଣ୍ଡା ପୌରହିତ୍ୟ କରି ସଚେତନତା ଅଭାବରୁ ଏଡ଼ସ ଏକ ଭୟଙ୍କର ବ୍ୟାଧି ଯାହାକି ଯୁବ ସମାଜକୁ ମୃତ୍ୟୁ ମୁଖକୁ ଟାଣି ନେଇ ଯାଉଛି ବୋଲି କହିଥିଲେ ।ରେଡ ରିବନ୍ କ୍ଲବ ଓ ୟୁଥ୍ ରେଡକ୍ରସ ର ପରାମର୍ଶଦାତା ଅଧ୍ୟାପକ ଶ୍ରୀ ମନୋରଞ୍ଜନ ବିହାରୀ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଶ୍ରୀ ଅଶୋକ କୁମାର ସାହୁ ଓ ମୁଖ୍ୟ ବକ୍ତା ଭାବେ ଶ୍ରୀ ସୀତକଣ୍ଠ ଦାସ ଏଡ଼ସ ବ୍ୟାଧିର ଉତ୍ପତ୍ତି , ନିରାକରଣ ଓ ସଚେତନତା ସମ୍ବନ୍ଧେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶ୍ରୀ ଡମ୍ବରୁଧର ନାଏକ , ଅଧ୍ୟାପିକା ଶ୍ରୀମତୀ ପାଙ୍କଜିନି ମହାନ୍ତ , ଅଧ୍ୟାପିକା ଶ୍ରୀମତୀ ଗୀତାଞ୍ଜଳୀ ବେହେରା ଓ ପ୍ରଦୀପ କୁମାର ଦଳେଇ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ଏଚ ଆଇ ଭି




ଏଡ଼ସ ରୁ ମୁକ୍ତ ରହି ସୁସ୍ଥ ଜୀବନ ବଞ୍ଚିବା ପାଇଁ ସୁପରାମର୍ଶ ଦେଇଥିଲେ। ଶେଷରେ ପ୍ରବନ୍ଧ , ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଲକ୍ଷ୍ମୀ ମୁର୍ମୁ , ଲକ୍ଷ୍ମୀପ୍ରିୟା ମାଝୀ , ସସ୍ମିତା ସିଂ , ନାରଣ ଟୁଡୁ , ତୁରମ୍ ସିଂ ଓ ବିବନ୍ ସିଁକା ପ୍ରମୁଖ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ୟ ଶ୍ରୀ ବିଦ୍ୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଏମଡିସି କର୍ମଚାରୀ ସଂଘ,ଠାକୁରାଣୀ ତରଫରୁ ସାଧାରଣ ସଭା ଓ ଶ୍ରମିକ ସଂପର୍କ ଅଭିଯାନ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ବଡବିଲ ଭାରତୀୟ ମଜଦୁର ସଂଘର ଓଏମଡିସି କର୍ମଚାରୀ ସଂଘ ଠାକୁରାଣୀ ଠାରେ ଭାରତୀୟ ମଜଦୁର ସଂଘ ଏହାର ୭୦ ବର୍ଷର ସ୍ୱର୍ଣ୍ଣିମ ଇତିହାସ ଶ୍ରମିକ ସମାଜରେ ପହଞ୍ଚାଇବା ପାଇଁ ତାହାର ଡିସେମ୍ବର ୧ ରୁ ଡିସେମ୍ବର ୨୦ ତାରିଖ ଯାଏଁ ଚାଲିବାର ଥିବା ଶ୍ରମିକ ଏବଂ ଜନ ସଂପର୍କ ଅଭିଯାନ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ବାବୁଲାଲ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ମଜଦୁର ସଂଘର ୭୦ ବର୍ଷର ଉପଲବ୍ଧି ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସହ ସାଧାରଣ ସମ୍ପାଦିକା ବିଣାପାଣୀ ବେହେରା ଗୋଟିଏ ଅଣ ରାଜନୈତିକ ଶ୍ରମିକ ସଂଗଠନ ହିସାବରେ ଭାରତୀୟ ମଜଦୁର ସଂଘର ବିଶେଷ ଉପରେ ଗୁରୁତ୍ୱାରୋପ କରିଥିଲେୟ ଜିଲ୍ଲା ଉପ ସଭା ନେତ୍ରୀ ବବିତା ରାମ ମହିଳାମାନେ ଭାରତୀୟ ମଜଦୁର ସଂଘରେ ଆଗକୁ ଆସି ଓଡିଶାର ସମସ୍ତ ବର୍ଗର ମହିଳା ମାନଙ୍କୁ ସଂପର୍କ କରି ସଂଗଠନର ଆବଶ୍ୟକତା ଏବଂ ଗୁରୁ ବୋଧ ଉପରେ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ। ରକ୍ତ ଅଭାବରୁ କାହାର ଜୀବନ ନଷ୍ଟ ନ ହେଉ ସେଥିପାଇ ସମସ୍ତଙ୍କୁ ଅନ୍ତତଃ ଛଅମାସ ଅନ୍ତରରେ ଥରୁଟିଏ ରକ୍ତଦାନ କରିବାସହ ସଂଘରେ ରକ୍ତଦାନ ଶିବିର ଆୟୋଜନ କରାଯିବାର ଆବଶ୍ୟକ ଅଛି ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଂଗଠନ ସଂପାଦକ ତଥା ଗାଁ ସାଥୀମେଟ ସଂଘ କାର୍ଯ୍ୟକାରି ସଭାପତି ମନୋଜ କୁମାର ପଟେଲ ସମାଜରେ



ଅବହେଳିତ ତଥା ଆଜି ବି ଗୋଟି ଶ୍ରମିକ ମାନଙ୍କ ଭଳି କାର୍ଯ୍ୟ କରୁଥିବା ଠିକା ଶ୍ରମିକ ମାନଙ୍କ ପାଖରେ ପହଞ୍ଚିବା ହେଉଛି ଏ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। ଆଗାମୀ ୨୦ ଦିନ ଧରି ସାରା କେନ୍ଦୁଝର ବୁଲି ଶ୍ରମିକ ମାନଙ୍କୁ ସଂପର୍କ କରିବାର ଯୋଜନା ସଂପର୍କରେ ଆଲୋଚନା କରିଥିଲେ ୟ ସଂଘ ର ଜିଲ୍ଲା ସଂପାଦିକା ସମସ୍ତଙ୍କୁ ଧନ୍ୟବାଦ ଦେଇ କହିଥିଲେ, ଆଗାମୀ ୨୦ ଦିନ ଆମେ ସମସ୍ତେ ଆପ୍ରାଣ ଉଦ୍ୟମ କରି ଶ୍ରମିକ ସଂପର୍କ କରିବା ସହ ସଂଗଠନକୁ ମଜଭୁତ ପାଇଁ କାର୍ଯ୍ୟ କରିବା । ଓଏମଡିସି କର୍ମଚାରୀ ସଂଘର ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ ଖଣିକ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନେ ଆଜି ବି ସରକାରୀ ସୁବିଧା,ସାମାଜିକ ସୁରକ୍ଷା ପାଇବାରେ ବ□ିତ,ତେଣୁ ସେହି ଅପହ□ ଶ୍ରେଣୀର ଶ୍ରମିକଙ୍କୁ ସଂପର୍କ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରି ପାରିଲେ ହିଁ ଏହି ଶ୍ରମିକ ଏବଂ ଜନ ସଂପର୍କ ଅଭିଯାନର ପ୍ରୟାସ ସଫଳ ହେବ ବୋଲି କହିଥିଲେ। ଓଏମଡିସି କର୍ମଚାରୀ ମାନଙ୍କ ୧୪ ବର୍ଷର ସଂଘର୍ଷ ଶେଷ ହୋଇଛି ଓ ଆଗକୁ ଓଏମଡିସି ଠାକୁରାଣୀର ସମସ୍ତ ଖଣି କାର୍ଯ୍ୟ ଆରମ୍ଭ ହେବ ସେଥିନେଇ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଆରମ୍ଭ ହୋଇଅଛି । ଆଜିର କାର୍ଯ୍ୟକ୍ରମରେ ବଡବିଲସ୍ଥିତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଓଏମଡିସି କର୍ମଚାରୀ ସଂଘର ଉପଦେଷ୍ଟା ଜଗବନ୍ଧୁ କର ସଂଘର ନିରବଚ୍ଛିନ୍ନ ସଂଘର୍ଷର ସଫଳତାର ଗାଥା ଓ କର୍ମଚାରୀଙ୍କ ସହଯୋଗରେ ପୁନର୍ବାର ନିଜ ଅଧିକାର ସ୍ୱାଭିମାନ ଫେରିପାଇଛନ୍ତି ବୋଲି ପ୍ରକାଶ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ

ଦେବଗଡ଼(ମହା ଭାରତ): ଦେବଗଡ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୩୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୨୪ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ବିଦ୍ୟୁତ ସଂଯୋଗ, ରାସ୍ତା ମରାମତି , ରାସନ୍ କାର୍ଡ,ପାନୀୟ ଜଳ , ଡ୍ରେନେଜ୍ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନକ୍ଷଜୀ ରାଓସ୍ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ଓ ତହସିଲଦାର କର୍ଣ୍ଣ ମଲ୍ଲିକ ସମେତ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରାଇରଙ୍ଗପୁର - ତିରିଂ ଜାତୀୟ ରାଜପଥ ୨୨୦ ନମ୍ବର ମରଣଯନ୍ତା ନେଇ ଜନପ୍ରତିନିଧିଙ୍କ ପକ୍ଷରୁ ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ପୋଲିସ ପ୍ରଶାସକଙ୍କୁ ଦାବିପତ୍ର

ରାଇରଙ୍ଗପୁର(ମହାଭାରତ): ବିଜୟୱାଡା- ରାଞ୍ଚି ଜାତୀୟ ରାଜପଥ ୨୨୦ ନମ୍ବର ରାଇରଙ୍ଗପୁର - ତିରିଂ ରାସ୍ତାର ର ପେଟ ଭିତରେ ଦେଇ ଯାଇଛି ।ଏହି ରାଜପଥ ରାଇରଙ୍ଗପୁର ରୁ ତିରିଂ ରାସ୍ତା ଅମାନିଆ ଲୌହଦାନବ ନେଇ ମରଣଯନ୍ତା ପାଲଟିଛି । କେନ୍ଦୁଝରରୁ ଟାଟା ନଗର ଆସୁଥିବା ଲୌହ ବୋଝେଇ ଲୌହ ଟ୍ରକ ସମେତ ଅନେକ ଭାରିଯାନ କୌଣସି କୌଣସି କାରଣରୁ ଭାରସାମ୍ୟ ହରାଇ ସାଧାରଣ ଜନତା ,ରାସ୍ତାକଡ ଘର,ଦୋକାନ,ପଥରଚାରୀ ଙ୍କୁ ଧକ୍କା ଦେଇ ଅମୂଲ୍ୟ ଜୀବନ,ଧନ ନଷ୍ଟ କରୁଛନ୍ତି ।ଏହି ରାସ୍ତା ଲୋକଙ୍କ ପାଇଁ ଭଲ ହେବା ଅପେକ୍ଷା ଅଭିଶାପ ପାଲଟିଛି ମାସକ ମଧ୍ୟରେ ଦୁଇ ଚାରିଟା ଦୁର୍ଘଟଣା ଘଟୁଛି । ନିକଟରେ ହଳଦା ତେନ୍ତଳା ପୋଲ ପାଖରେ ଜଣେ ବାଇକ୍ ଆରୋହୀକୁ



ଟ୍ରକ ଧକ୍କାରେ ମୃତ୍ୟୁ ହୋଇଥିଲା ୟ ସେହିଭଳି ଦାଣ୍ଡବୋଷ ରାସ୍ତା କଡ଼ରେ ଟାଟା ଆଡୁ ଆସୁଥିବା ଟ୍ରକ ଘର ଉପରେ ଚଢ଼ି ଯାଇଥିଲା ଯାହାଫଳରେ ଶୋଇଥିବା ଅବସ୍ଥାରେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିଲା । ଶନିବାର ଦିନ ତିରିଂ ର ବଡଡାଳିମାରେ ଜଣେ ପଥଚାରୀ ସମେତ ହଳଦାର ବାଗଡେଗାରେ ଅଟୋକୁ ଧକ୍କା ଦେବା ଫଳରେ ରୋଗୀ,ଅଟୋ ଚାଳକ ଏବଂ ଜଣେ ମହିଳାଙ୍କ ର ମୃତ୍ୟୁ ହୋଇଥିଲା । ବାରମ୍ବାର ଦୁର୍ଘଟଣା ଯୋଗୁଁ ସାଧାରଣ ଜନତା, ଛାତ୍ରଛାତ୍ରୀ ଜାତୀୟ ରାଜପଥରେ ଯିବା ଆସିବା ପାଇଁ ଭୟ କରୁଛନ୍ତି ଏହି ସୁ ଦୁର୍ଘଟଣାକୁ ନେଇ ସାଧାରଣ ଜନତା ରାସ୍ତା ଅବରୋଧ ଓ କ୍ଷତିପୂରଣ ଦାବି କରୁଛନ୍ତି । ଘଣ୍ଟା ଘଣ୍ଟା ଧରି ରାସ୍ତା ଯାମ ରହୁଛି ।ପ୍ରଶାସନ, ପୋଲିସ,ଜନତା ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ସମାଧାନ ପାଇଁ ନାକେଦମ ହେଉଛନ୍ତି । ତେଣୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ବାମନଘାଟୀ ଉପଖଣ୍ଡର ଜନପ୍ରତିନିଧି ମାନେ ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଏବଂ ଏସଡିପିଓଙ୍କୁ ଲିଖିତ ଦାବିପତ୍ର ପ୍ରଦାନ ସହ ଏହା ପ୍ରତି ପ୍ରାଥମିକତା ଦେବାପାଇଁ ଅନୁରୋଧ କରିଛନ୍ତି । ସେମାନଙ୍କ ଦାବି ହେଲା ରାଇରଙ୍ଗପୁର - ତିରିଂ ରାସ୍ତାରେ ଛକକୁ ଛକ ସିସି କେମେରା ବ୍ୟବସ୍ଥା, ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ପରିବହନ ଟ୍ରକକୁ ପ୍ରବେଶ ନିଷେଧ,ଟ୍ରକର ଗତି ନିୟନ୍ତ୍ରଣ,ଟ୍ରକ ଡ୍ରାଇଭରକୁ ମଦ୍ୟପାନ ପରୀକ୍ଷା କରିବା ପ୍ରମୁଖ ଦାବି ଥିଲା । ଉପଜିଲ୍ଲାପାଳ ଶ୍ରୀ ସୌମ୍ୟରଂଜନ ପ୍ରଧାନ ଉପଜିଲ୍ଲାପାଳ ଏବଂ ଏସଡିପିଓ ଶ୍ରୀ ଗୋକୁଳାନନ୍ଦ ସାହୁ ଏହା ଉପରେ ନିଶ୍ଚିତ ଭାବରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିଲେ । ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ତିରିଂ ଜିଲ୍ଲା ପରିଷଦ ସଦସ୍ୟ ପରେଶ୍ ମୁଣ୍ଡା, ରାଇରଙ୍ଗପୁର ବ୍ଲକ ଅଧକ୍ଷ ଜ୍ଞାନ ରଂଜନ ହେମ୍ବ୍ରମ,ତିରିଂ ବ୍ଲକ ଅଧକ୍ଷ ପରମେଶ୍ୱର ସାମାଡ,ଜାମଦା ବ୍ଲକ ଅଧକ୍ଷ ଡୁମକା ହେମ୍ବ୍ରମ,ଜାମଦା ଜିଲ୍ଲା ପରିଷଦ ସଦସ୍ୟ ବାବୁଲା ଟୁଡୁ,ଫାଗୁରାମ ମାରାଣ୍ଡି, ଶାଶ୍ୱତ ବଳ,ବାବୁଲା ପାତ୍ର,ଜାମଦା ବ୍ଲକ ପୂର୍ବତନ ଅଧକ୍ଷ କାରାନ ମାରାଣ୍ଡି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପଜିଲ୍ଲାପାଳ ଏବଂ ଏସଡିପିଓଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।

# ବ୍ଲକସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା

ଯୋଡ଼ା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ମୁନ୍ସିପାଲିଟି ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ଯୋଡ଼ା ଠାରେ ଯୋଡ଼ା ବ୍ଲକର ଶକ୍ତି କ୍ଲବ ଅନ୍ତର୍ଭୁକ୍ତ ସମସ୍ତ ଉଚ୍ଚ ବିଦ୍ୟାଳୟରୁ ୧୧୨ଜଣ ପ୍ରତିଯୋଗୀ ଜାତୀୟ ଶକ୍ତି ସଂରକ୍ଷଣ ଉପରେ ଲିଖିତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗୀ ମାନଙ୍କ ମଧ୍ୟରୁ କୃତି ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ସହ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଉକ୍ତ ପୁରସ୍କାର ବିତରଣୀ ସଭାରେ ମୁନିସିପାଲିଟି ଉଚ୍ଚ ବିଦ୍ୟାଳୟ ନାଳଦାର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ଯୋଡ଼ାର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ମାରାଣ୍ଡି ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ଶକ୍ତି ସଂରକ୍ଷଣ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଶକ୍ତି ହିଁ ଅମୂଲ୍ୟ ସମ୍ପଦ,ଏହାକୁ ସଠିକ ଭାବରେ ବିନିଯୋଗ କରିବା ଓ ଅନାବଶ୍ୟକ ଅପଚୟ ନ କରି ଭବିଷ୍ୟତ ପାଇଁ ଏହାକୁ ସଂରକ୍ଷିତ କରି ରଖିବା ପାଇଁ ଉଦବୋଧନ ଦେଇଥିଲେ। ଆଜିର ସମାଜ ଶକ୍ତିକୁ କିପରି ବିଭିନ୍ନ ମାଧ୍ୟମରେ ନଷ୍ଟ କରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ଆଗାମୀ ପିଢ଼ି ପାଇଁ ସଙ୍କଟ ସୃଷ୍ଟି କରାଉଛନ୍ତି ସେଥିପ୍ରତି ସଚେତନତା ବାର୍ତ୍ତା ପହଂଚାଇବା ସହିତ ଲୋକମାନଙ୍କୁ ଶକ୍ତିର ଉପାଦେୟତା ବୁଝାଇବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ସରକାରୀ ହିନ୍ଦୀ ଉଚ୍ଚ ବିଦ୍ୟାଳୟ, ପଶ୍ଚିମ ଯୋଡ଼ାର ଛାତ୍ରୀ ଦେବସ୍ମିତା ହେମ୍ବ୍ରମ ପ୍ରଥମ ସ୍ଥାନ,ଧବଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଜସ୍ମିନ ମୁଣ୍ଡା ଦ୍ୱିତୀୟ ସ୍ଥାନ ଓ ସରକାରୀ ହିନ୍ଦୀ ଉଚ୍ଚ ବିଦ୍ୟାଳୟ,ପଶ୍ଚିମ ଯୋଡ଼ାର ଛାତ୍ରୀ ମୋନାଲିଶା ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସଫଳ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ରାଶି ମୁଖ୍ୟ ଅତିଥି ମହେନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ବିଦ୍ୟାଳୟର ସହକାରୀ ଶିକ୍ଷକ ଅମରେଶ ଚନ୍ଦ୍ର ସେଠି, ଦୀପକ କୁମାର ସାହୁ,ଶିକ୍ଷୟିତ୍ରୀ ଗାନ୍ଧାରୀ ନାଏକ,ଲାବଣ୍ୟମତି ମହନ୍ତ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ସଭାପତି ଶଙ୍କର୍ଷଣ ମାରାଣ୍ଡି ଉପସ୍ଥିତ ସମସ୍ତ ପ୍ରତିଯୋଗୀ,ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଦେଇ ସଭାସଙ୍ଗ କରିଥିଲେ।

## ସାଇବର ଠକାମୀର ଶିକାର ହେଲେ ବ୍ୟକ୍ତି

# ଆକାଉଣ୍ଟରୁ ଗାୟବ ଅଢେଇଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗରୁ କେଦାରନାଥ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ସାଇବର ଠକ ଫୋନ୍ କରି ୨ ଲକ୍ଷ ୫୧ ହଜାର ୪୫୬ ଟଙ୍କା ଲୁଟିନେବା ସମ୍ପର୍କରେ ଅସ୍ତରଙ୍ଗ ଥାନାରେ ଏକ ଅଭିଯୋଗ ହୋଇଛି ଅଭିଯୋଗ ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି ସୂଚନାନୁସାରେ ଅସ୍ତରଙ୍ଗ ପଞ୍ଚାୟତ ବସ୍ତଡିହ ମୌଜାର କେଦାରନାଥ ଜେନାଙ୍କର ଜିଓ ମୋବାଇଲ୍ ନଂ ୯୨୩୭୧୧୨୫୪୦ ଗତ ୨୧ ତାରିଖରେ ଅଟୋମେଟିକ୍ ବନ୍ଦହୋଇଯାଇଥିଲା ୨୩ତାରିଖ ଦିନ ହଠାତ୍ କେହି ଜଣେ ତାଙ୍କୁ ଫୋନ୍ କରି କହିଲା ଯେ ତୁମର ଆଧାର ନମ୍ବର ବନ୍ଦହୋଇଯାଇଛି । ଓଟିପି ଦେଲେ ତାହା ଆକ୍ଟିଭେଟ୍ କରିଦେବ ବାରମ୍ବାର ଫୋନ୍ କରି ଓଟିପି ମାଗିବା ଓ ହିନ୍ଦୀରେ କଥାବାର୍ତ୍ତା ହେଉଥିବା ଏହି ବ୍ୟକ୍ତି ଜଣକ ଓଡ଼ିଶାର ବୋଲି ପରିଚୟ ଦେଇଥିଲା ଓଟିପି ନଦେଲେ ବ୍ୟବହାର କରୁଥିବା ମୋବାଇଲ୍ ସିମ୍ ଓ ଆଧାର ନମ୍ବର କାମ କରିବନି ବୋଲି କହିବାରୁ କେଦାର ବାବୁ କାକଟପୁର ସ୍ଥିତ ଜିଓ ମୋବାଇଲ୍ ଅଫିସକୁ ଯାଇଥିଲେ ସେଠାରେ ସିମ୍




ଆକ୍ଟିଭେସନ୍ କଥା ହେବା ପରେ, ଆଧାର ନମ୍ବର କାମକରୁନଥିବା ବା ଲକ୍ ହୋଇଯିବ ଏଭଳି ଉତ୍ତର ମିଳିଥିଲା ଫଳରେ ସେ ଅସ୍ତରଙ୍ଗ ଆଧାରକେନ୍ଦ୍ରରେ ଆଧାର ଅପଡେଟ୍ କରିନେଇଥିଲେ ତାଙ୍କର ଘର କାମ ପାଇଁ ଅର୍ଥ ଆବଶ୍ୟକ ଦୃଷ୍ଟିକୋଣରୁ ୨୮ ନଭେମ୍ବରରେ ସେ କାକଟପୁର ଷ୍ଟେଟ୍ ବ୍ୟାଙ୍କ ଯାଇ ଟଙ୍କା ଉଠାଇବାକୁ ଉଦ୍ୟମ କରନ୍ତେ ସେ ଜାଣିବାକୁ ପାଇଲେ ଯେ ତାଙ୍କ ଆକାଉଣ୍ଟ ଖାଲିହୋଇଯାଇଛି ତା ପରେ ସେହି କାକଟପୁର ସ୍ଥିତ ଏଚଡିଏଫ୍ସି ବ୍ୟାଙ୍କକୁ ଯାଇ ଅନ୍ୟ ଏକ ଆକାଉ□ ଯାଞ୍ଚ କରନ୍ତେ, ସେ ଆକାଉ□ରୁ ମଧ୍ୟ ୨ ଲକ୍ଷ ୫୧ ହଜାର ୪୫୬ ଟଙ୍କା ଖାଲିହୋଇଯାଇଛି । ବ୍ୟାଙ୍କ ଶାଖା ପରିଚାଳକକୁ ଭେଟି ଏ ବିଷୟରେ ଜଣାଇବାରେ ଏହା ଏକ ସାଇବର ଠକେଇ ଓ ଥାନାରେ ଅଭିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ତା ପରେ କୌଣସି ଉପାୟ ନପାଇ କେଦାର ଅସ୍ତରଙ୍ଗ ଥାନାରେ ଏ ବିଷୟରେ ଲିଖିତ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ପୁଲିସ୍ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିବା ସୂଚନା ମିଳିଛି। ସବୁଠାରୁ ବଡ଼କଥା ହେଲା, ଓଟିପି ନଦେଲେ ମଧ୍ୟ ଠକ ଜଣକ କେବଳ କଥାବାର୍ତ୍ତା ହୋଇ ୟୁପିଆଇ ଜରିଆରେ ଆକାଉଣ୍ଟରୁ ଟଙ୍କା ଉଠାଇନେବା ଆଶ୍ଚର୍ଯ୍ୟ ଲାଗୁଛି।

## ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଯୋଗ ଦେଲେ ଆଲୋକ



ହାଟଡିହି ବର୍ତ୍ତମାନ ରାଜ୍ୟ ରେ ବିଜେପି ସରକାର ରହିଥିବା ବେଳେ ତିନି ଦିନିଆ ଗ୍ରସ୍ତ ରେ ଆସି ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ନେତା ଙ୍କୁ ଦେଇଛନ୍ତି ଗୁରୁ ମନ୍ତ୍ର। ଯାହାକି ଆନନ୍ଦପୁର ଉପଖଣ୍ଡ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆନନ୍ଦପୁର ବିଜେପି ନେତୃ ଙ୍କୁ ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲ ଡାକି ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଯେଉଁ ବୈଠକ ରେ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀ ନେତୃ ରେ ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟ ରେ, ବ୍ଲକ ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ବିଜେପି ନେତା ଓ ନେତ୍ରୀ ଙ୍କ ମଧ୍ୟରେ ସୁଶାନ୍ତ ଜେନା, ଅସୀମା ମିଶ୍ର, ହରମୋହନ ଶାସିନି, ଟୁକୁନା ମହାନ୍ତ, ପ୍ରମୁଖ ନେତା ମାନେ ଯୋଗ ଦେଇଥିଲେ।

## ଚାଷଜମି କମୁଛି କୋଠାବାଡ଼ି ବଢୁଛି

ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ବର୍ତ୍ତମାନ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି ଯାହା ଫଳରେ ଚାଷୀ ଚାଷ ନକରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛି ।ଚାଷ ଜମିକୁ ଚାଷୀଙ୍କ ଠାରୁ କମ ଦରରେ କିଣି ବା ଶାଗ ମାଛ ଦରରେ କ୍ରୟ କରି ପ୍ଲଟ ଘର ବାରିରେ ପରିଣତକରୁଛନ୍ତି । ଯାହା ଫଳରେ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି। ରାତାରାତି ଲକ୍ଷପତି ବୟ କୋଟିପତି ହୋଇଥାନ୍ତି ଚାଷ ଜମିକୁ ଘର ବାରୀରେ ପରିଣତ କରୁଥିବା ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ ।ଯାହା ଫଳରେ ଚାଷ ଜମି କମୁଛି। ପ୍ଲଟ ବେପାର କରି ଏବେ ଲୋକ ଲକ୍ଷ ପତି ଓ କୋଟିପତି ହୋଇପାରିଛନ୍ତି ।ସକାଳ ହେଲେ ଟ୍ରେଜେରୀ ରାସ୍ତାରେ ଭିଡ଼ ଜମି ପ୍ଲଟ ବେପାରି ଓ ମଧ୍ୟସ୍ଥତାଙ୍କର କାଗଜ ଦେଖାଇ ସହଜ ଉପାୟରେ ବିନୟପାରିଶ୍ରମରେ ଲକ୍ଷ ପତି ଓ କୋଟିପତି ହେବାର ଆଶା ଏପରିକୀ ଯାହା ପାଖରେ ଖାଇବାରକୁ ନଥିଲା ସେ କୋଟି ପତି ଓ ଲକ୍ଷ ପତି କୋଠା ବାଡ଼ି ବ୍ୟାଙ୍କ ବାଲାନ୍ସ ସମସ୍ତଙ୍କୁ ଜଣା ଏପରିକି ସରକାରୀ କାର୍ଯ୍ୟରତ କର୍ମଚାରୀ ମାନେ ମଧ୍ୟ ଏହି ପ୍ଲଟ ବେପାର କରି ଲକ୍ଷ ପତି ଓ କୋଟି ପତି ହେଉଛନ୍ତି। ଏଣୁ ନୂତନ ସରକାର ଚାଷିଙ୍କ ପ୍ରତି ଦୃଷ୍ଟି ଦେଲେ ଚାଷ ଜମି ପ୍ଲଟ ହେବ ନାହିଁକି ଘର ବାରିରେ ପରିଣତ ହେବ ନାହିଁ ଚାଷ ଜମି ରହିବ ଚାଷି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବ ନାହିଁ ଜମିରେ ସୁନାର ଫସଲ ଫଳିବ ଖାଦ୍ୟ ଶସ୍ୟର ଅଭାବ ରହିବ ନାହିଁ ନହେଲେ ଖାଦ୍ୟ ଶସ୍ୟର ସଙ୍କଟ ଦେଖାଦେବ।

## ଗୁମା ବ୍ଲକ ରେ ବିଜେଡିର ବନ୍ଧୁ ମିଳନ କର୍ଯ୍ୟକର୍ମ



ଗଜପତି(ମହାଭାରତ):ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ହାଟପଦା ଠାରେ ଗୁମ୍ମା ବ୍ଲକ ବିଜୁ ଜନତା ଦଳର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛିୟ ଏଥିରେ ପାରଳାଖେମୁଣ୍ଡି ବିଧାୟକ ଇଞ୍ଜିନିୟର ଶ୍ରୀ ରୁପେଶ କୁମାର ପାଣିଗ୍ରାହୀ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେୟ ଅନ୍ୟମାନଙ୍କ ମଧ୍ୟରେ ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ତଥା ବଶିଷ୍ଟ ବିଜେଡ଼ି ନେତା ଡଃ ତିରୁପତି ପାଣିଗ୍ରାହୀ, ଜିଲ୍ଲା ବିଜେଡ଼ି ସଭାପତି ଜଗବନ୍ଧୁ ଦାସ୍, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ପୁର୍ବତନ ବିଧାୟକ କେ ସୂର୍ଯ୍ୟା ରାଓ, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ୍ ବୀର ରାଜୁ, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ,ପାରଳା ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ବ୍ଲକ୍ ଅଧ୍ୟକ୍ଷ । ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ଜିଲ୍ଲାପରିଷଦ ଏସ. ବାଲରାଜୁ ବରିଷ୍ଠ ବିଜେଡି ନେତା ଜେମସ ରାଇକା, ଲକ୍ଷ୍ମୀକାନ୍ତ ପରିଚ୍ଛା, ସୁଧି ରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଅଂଶଗ୍ରହଣ କରି ଗୁରୁ ପୂର୍ଣ୍ଣ ମତାମତ ରଖିଥିଲେୟ କିପରି ବିଜେଡି ତୃଣ ମୂଳସ୍ତରରେ ସୁଦୃଢ଼ ହୋଇପାରିବ ଓ ସରକାରଙ୍କ ଜନହିତକାରି ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ତା ଉପରେ ଆଲୋଚନା ହୋଇଥିଲା ।

## ପାରାଦୀପ ମହାବିଦ୍ୟାଳୟରେ ଆର୍ଟ ଅଫ ଲିଭିଙ୍ଗ ଦ୍ୱାରା ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ପାରାଦୀପ(ମହାଭାରତ): ପାରାଦୀପ କୁ ଶ୍ରୀ ଶ୍ରୀ ରବିଶଙ୍କର ଆଗମନ ପୂର୍ବରୁ ଦି ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯୋଗ କର୍ମଶାଳା ଆୟୋଜନ କରିବାକୁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ଶ୍ରୀ ରବିଶଙ୍କର ଙ୍କ ଦି ଆର୍ଟ ଅଫ ଲିଭିଙ୍ଗ ର ପ୍ରସିଦ୍ଧ ଯୋଗଗୁରୁ ତଥା ପ୍ରବଚକ ଜ୍ୟୋତିର୍ବିଦ ତାପସ ରଞ୍ଜନ ପତି ପାରାଦୀପ ମହାବିଦ୍ୟାଳୟ ରେ ଆୟୋଜିତ ଯୋଗ କର୍ମଶାଳାରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଗତ ତିନିଦିନ ଧରି ମହାବିଦ୍ୟାଳୟ ରେ ଚାଲିଥିବା ଯୁବ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ରେ ଜିଲ୍ଲାର ୧୫ ଟି ମହାବିଦ୍ୟାଳୟ ର ୧୧୫ ଜଣ ପ୍ରଶିକ୍ଷାର୍ଥୀ ଙ୍କୁ ଯୋଗାଭ୍ୟାସ ସହିତ ଏହାର ମହତ୍ୱ ସମ୍ପର୍କରେ ଯୋଗଗୁରୁ ଶ୍ରୀ ପତି ଗୁରୁମନ୍ତ୍ର ଦେଇଥିଲେ । ଗୁରୁଦେବ ଶ୍ରୀଶ୍ରୀ ଙ୍କ ପାରାଦୀପ ଗସ୍ତ ପୂର୍ବରୁ କେବଳ ପାରାଦୀପ ରେ ନୁହଁ ଜଗତସିଂପୁର ଜିଲ୍ଲା ର ବିଭିନ୍ନ ସ୍ଥାନରେ ଆର୍ଟ ଅଫ ଲିଭିଂର ସବୁ ବର୍ଗ ର ଲୋକ ମାନଙ୍କ ପାଇଁ ଭିନ୍ନ ଭିନ୍ନ କର୍ମଶାଳା କରାଯାଉଛି ବୋଲି ଯୋଗଗୁରୁ ଶ୍ରୀ ପତି ସୂଚନା ଦେଇଛନ୍ତି ।

## ତିନିଦିନିଆ ଜିଲ୍ଲା ସ୍ତରୀୟ ଯୁବ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦଯାପିତ

ପାରାଦୀପ(ମହାଭାରତ): ପାରାଦୀପ ମହାବିଦ୍ୟାଳୟ ର ଯୁବ ରେଡ଼କ୍ରସ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏବଂ ଓଡିଶା ରାଜ୍ୟ ରେଡ଼କ୍ରସ ସଂସ୍ଥା ଦ୍ୱାରା ପ୍ରାୟୋଜିତ ତିନିଦିନିଆ ଜିଲ୍ଲା ସ୍ତରୀୟ ଯୁବ ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ଗତ ରବିବାର ଦିନ ପାରାଦୀପ ମହାବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ପାରାଦୀପ ମହାବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟା ଶ୍ରୀମତୀ ସବିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୁବ ରେଡ଼କ୍ରସ ର ରାଜ୍ୟ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ରାଜ୍ୟ ସଂଯୋଜକ ଶ୍ରୀ ମିଶ୍ର ଏହି ଶିବିରର ସଫଳତା ପାଇଁ ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ.ସସ୍ମିତା ସତପଥି ଙ୍କୁ ପ୍ରଶଂସା କରିବା ସହ କାଉନସେଲର ଙ୍କୁ ଧନ୍ୟବାଦ ଦେଇଥିଲେ । ପାରାଦୀପ ମହାବିଦ୍ୟାଳୟ ର ଅନ୍ତର୍ନିହିତ ଗୁଣବ□। ପ୍ରକୋଷ୍ଠ ର ସଂଯୋଜକ ଗଣେଶ୍ୱର ପାତ୍ର ସଭା ପୌରହିତ୍ୟ କରିଥିବା ବେଳେ ଇଂରାଜୀ ଅଧ୍ୟାପିକା ତଥା ରେଡ଼କ୍ରସ ର କାଉନସେଲର ଶ୍ରୀମତୀ




ଶାଶ୍ୱତୀ ପଟ୍ଟନାୟକ ତିନିଦିନ କାର୍ଯ୍ୟକ୍ରମ ର ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ପାରାଦୀପ ମହାବିଦ୍ୟାଳୟ ର ଅନ୍ୟତମ ଯୁବ ରେଡ଼କ୍ରସ କାଉନସେଲର ସୁଶ୍ରୀସ୍ମିତା ବେହେରା ପରିଚାଳନା କରିଥିଲେ ।ଶେଷରେ ପ୍ରାକ୍ତନ ସଂଯୋଜକ ବ୍ରହ୍ମାନନ୍ଦ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହାଇୱା ଧକ୍କାରେ ସାଇକେଲ ଆରୋହୀ ଙ୍କ ମୃତ

ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇ ପଦା ଫାଣ୍ଡି ଅନ୍ତର୍ଗତ ଶିଆଳି ଯୋଡା ଠାରେ ଏକ ଚର୍କେଲ ବୋଝେଇ ହାଇୱା ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ର ମୃତ୍ୟୁ ଘଟିଛି ।ମୃତକ ଙ୍କ ପରିବାର କୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଅ□ଳ ବାସୀ କେବଳ ଭାରିଯାନ ପାଇଁ ରାସ୍ତା ଅବରୋଧ କରିଥିବା ଜଣାପଡିଛି ।ଖବର ନେବାରୁ ଜଣାପଡିଛି ଯେ,ସୋମ ବାର୍ ପ୍ରାୟ ୧୦ ଘଟିକା ସମୟରେ ହାଇୱା ଟ୍ରକ୍ ନଂ ଓ ଡି ୦୯ ସି ୫୪୯୩ ଦେଓଝର୍ ସ୍ଥିତ କ୍ରୟକର୍ସ ସ୍ପଞ୍ଜ କାରଖାନାରୁ ଚର୍କୋଲ ବୋଝେଇ କରି ବଂଶପାଣି ଅଭିମୁଖେ ଆସୁଥିବା ବେଳେ ଶିଆଳି ଯୋଡା ପାର୍କିଂ ରେ ରହିଥିଲା ।ସେଠାରୁ ଦିନ ପ୍ରାୟ ୧୨ ଟା ବେଳେ ବାହାରୁ ଥିବା ବେଳେ ଏକ ସାଇକେଲ ଆରୋହୀ ଙ୍କୁ ଧକ୍କା ଦେଇଥିଲା ।ଫଳରେ ସାଇକେଲ ଆରୋହୀ ଅସେଇଁକଳୟ ଗ୍ରାମପଞ୍ଚାୟତ କୋଲେ୍ହା ହୁଣ୍ଡୁଳ। ଗ୍ରାମର ସୋନରୟମ୍ ମୁଣ୍ଡା(୫୫) ଗୁରୁତର ଆହତ ହେବାରୁ ତାଙ୍କୁ ନିକଟସ୍ତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଥିଲା ।ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳ ବାସୀ ଶିଆଳିଯୋଡା ଠାରେ ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବୀ କରିଥିଲେ ।

## ଅବସରକାଳୀନ ସମ୍ବର୍ଦ୍ଧନା



ନୂଆଗାଁ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ମାଇଛେଳି ଗ୍ରାମରେ ଥିବା କଲ୍ୟାଣୀ ଦେବି ଉଚ୍ଚ ପ୍ରଥମିକ ବିଦ୍ୟାଳୟରେ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଦ୍ୟାଳୟର ସହ ସିକ୍ଷକ ନରୋତ୍ତମ ଦାସ ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ କଲ୍ୟାଣି ଦେବିଙ୍କ ର ପ୍ରତିମୂର୍ତ୍ତି ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଲ୍ୟାଣି ଦେବି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ଅତିରିକ୍ତ ବ୍ଲକ ସିକ୍ଷା ଅଧିକାରି କବିତା ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ମାଇଛେଳି ଗ୍ରାମପଞ୍ଚାୟତର ସରପଞ୍ଚ ସ୍ୱାଗତିକା ପ୍ରିୟଦର୍ଶିନୀ ପ୍ରଧାନ ଯୋଗ ଦେଇଥିଲେ । ଅନ୍ୟାମାନଙ୍କ ମଧ୍ୟରେ ସଂପଡା କ୍ଲଷ୍ଟର ସି ଆର୍ ସି ସି କୈଳାଶ ନାୟକ, ଚିନ୍ତାମଣି ବିଦ୍ୟାପିଠର ଶିକ୍ଷକ ବିନାୟକ ପରିଡା, ଡି.ଆଇ.ଇ.ଟି ମନୋରଞ୍ଜନ ଦାସ , କଲ୍ୟାଣୀ ଦେବି ବିଦ୍ୟାଳୟର ପୁରାତନ ଶିକ୍ଷକ ଅଶୋକ କୁମାର ପଣ୍ଡା , ପ୍ରଶନ କୁମାର ନାୟକ ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଙ୍କର ବେହେରା ଓ ଚନ୍ଦ୍ରମଣି ବେହେରା ଯୋଗଦେଇ ଅବସର ଗ୍ରହଣ କରିଥିବା ସହ ଶିକ୍ଷକ ନରୋ□ମ ଦାସ ଙ୍କୁ ମାନପତ୍ର , ଉତ୍ତରୀୟ ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ସେ କିପରି ଛାତ୍ର ବତ୍ସଳ ,ସମୟାନୁବର୍ତ୍ତୀ , ପରୋପକାରୀ , ମିଷ୍ଟ ଭାସି ଥିଲେ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଚେଷ୍ଟା ଜାରି ରଖିଥିଲେ ସେ ଉପରେ ମଞ୍ଚାସିନ ଅତିଥି ଓ ଛାତ୍ରଛାତ୍ରୀ ଅଭିଭାବକ ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ଆଜିର ଏହି ସଭାରେ ମାଇଛେଳି ଗ୍ରାମର ଅବସର କାଳିନ ପ୍ରଧାନ ଶିକ୍ଷକ ଜଗନ୍ନାଥ ବେହେରା, ବ୍ରଜବନ୍ଧୁ ବେହେରା ଙ୍କୁ ସମ୍ମାନୀତ କରିବା ସହିତ କଲ୍ୟାଣି ଦେବି ଙ୍କର ନାତି ସଂପଡା ଗ୍ରାମର ବିକ୍ରମ କେଶରୀ ନାୟକ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବଡଗୋଠ ୟୁପି ସ୍କୁଲର ଶିକ୍ଷକ ତଥା ଓଷ୍ଟାର ରାଜ୍ୟ ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ ପରିଚାଳନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ସତ୍ୟ ନାରାୟଣ ପୁର , କାଣିଗିରି , ଟଭାପଲ୍ଲି , କୃଷ୍ଣଚଦ୍ରପୁର ,ମାଇଛେଳି ର ପୁରାତନ ଓ ବ୍ରତମାନର ଛାତ୍ର ଛାତ୍ରୀ ମାନଙ୍କ ସହ ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ।

## ସରିଡି ସାଇ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଉଦଯାପିତ

ରାଜଗାଙ୍ଗପୁର (ମହାଭାରତ ) ରାଜଗାଙ୍ଗପୁର ଶ୍ରୀ ଶ୍ରୀ ସରିଡି ଚେରିଟେବୁଲ ଟ୍ରଷ୍ଟ ଅନୁକୂଲ୍ୟରେ ଲମଲୋଇ ଗ୍ରାମ ସ୍ଥିତ ସାଇ ମନ୍ଦିରର ତୃତୀୟ ବାର୍ଷିକୀ ଉତ୍ସବ ତିନି ଦିନ ବ୍ୟାପି ମହାସମାରୋହରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ଏକ ଭବ୍ୟ କଳସ ଯାତ୍ରା ସ୍ଥାନୀୟ ବାବାତାଳାବରୁ ବାହାରୁ ମନ୍ଦିର ପହଞ୍ଚିଥିଲା, ସେଠାରେ ସୂର୍ଯ୍ୟା ପୂଜା ସହିତ ମଣ୍ଡଳ ପୂଜା ଏବଂ ହବନ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ କାକଡ଼ ଆରତୀ, ପାଲକି ଶୋଭାଯାତ୍ରା, ଶ୍ରୀଗୁରୁ ଭଗତ ପରାୟଣ ସହିତ ସନ୍ଧ୍ୟାରେ ସ୍ଥାନୀୟ ଲମଲୋଇର କୁନିକୁନି ପିଲାଙ୍କ ଦ୍ୱାରା ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସପନ କୁମାର ପଣ୍ଡାଙ୍କ ଲିଖିତ ଏବଂ ନିର୍ଦ୍ଦେଶନାରେ ବାବାଙ୍କ ଉପରେ ଏକ ସୁନ୍ଦର ନାଟକ ଶ୍ରୀଗୁରୁ ଭାଗବତ ମୋକ୍ଷର ପଥ ମଞ୍ଚସ୍ଥ ହେବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ସମାଜର ବିଭିନ୍ନ ବର୍ଗରେ କାର୍ଯ୍ୟ କରୁଥିବା ପାଞ୍ଚ ଜଣଙ୍କୁ ସର୍ଗୀୟ ଡକ୍ଟର ହରେକୃଷ୍ଣ ପଣ୍ଡାଙ୍କ ସ୍ମୃତିରେ ତାଙ୍କ ପୁଅ ଡାକ୍ତର ପ୍ରେମାନନ୍ଦ ପଣ୍ଡା, ପରିବେଶ ସୁରକ୍ଷା ଦିଗରେ ନିରନ୍ତର ଗଛ ଲଗାଇବା, ଗଛ ବାଣ୍ଟିବା ପାରି କାର୍ଯ୍ୟକରି ଆସୁଥିନା ଆଶିଷ ଶତପଥି, ଲମଲୋଇ ଗ୍ରାମର ବରିଷ୍ଠ ମହିଳା ସୁକାନ୍ତି ଦେହୁରୀ, ଏବଂ ସର୍ବଦା ମନ୍ଦିର ଏବଂ ବାବାଙ୍କ ସେବାରେ ଲୀନ ଆକାଶ ଦାନୀ ଙ୍କୁ ସାହିତ୍ୟ ଏବଂ ସଂସ୍କୃତିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବିଦ୍ୟା ବାଚସ୍ପତି ପୁରସ୍କାର ପ୍ରାପ୍ତ ଡକ୍ଟର ଧମାବତୀ ମହାନ୍ତି ଦ୍ୱାରା ସମ୍ମାନିତ କରାଯାଇଥିଲା, ।ଅନ୍ତିମ ଦିନରେ ପୂଜା ଅର୍ଚନା ସହିତ ପୂର୍ଣ୍ଣାହୁତି ଏବଂ ପ୍ରସାଦ ସେବନ ଦ୍ୱାରା କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା କ୍ଷ ଏହି ଅବସରରେ ଟ୍ରଷ୍ଟର ବରିଷ୍ଠ ସଭ୍ୟ ସପନ ପଣ୍ଡା, ପରୀକ୍ଷିତ ସାହୁ, ରଶ୍ମି ରଞ୍ଜନ ଷଡ଼ଙ୍ଗୀ, ରାଜକିଶୋର ବିଶ୍ୱାଳ, ମାନସ ରଞ୍ଜନ ଆର୍ଯ୍ୟ, ଜି. ମୋହନ ପାତ୍ରଙ୍କ ସହିତ ଲମଲୋଇ ଗ୍ରାମର ଓ ଟ୍ରଷ୍ଟର ସମସ୍ତ ମହିଳା ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରି ଏହି ବାର୍ଷିକ ଉତ୍ସବକୁ ସଫଳ କରିଥିଲେ।

## ଖୋର୍ଦ୍ଧା ମହୋତ୍ସବକୁ ନେଇ ତେଜିଲା ଜନ ଅସନ୍ତୋଷ

ଖୋର୍ଦ୍ଧା:(ମହାଭାରତ) ଖୋର୍ଦ୍ଧା ସହରର ମଝିରେ ଥିବା ହାବେଲୀ ପଡ଼ିଆରେ ନ୍ୟୁ ଥିଙ୍କିଙ୍ଗ ଫୋରମ୍ ନାମକ ଏକ ଘରୋଇ ଅନୁଷ୍ଠାନ ପକ୍ଷରୁ ଚଳିତ ଡିସେମ୍ବର ମାସ ପନ୍ଦର ତାରିଖ ଠାରୁ ନେଇ ବାଇଶ ତାରିଖ ପର୍ଯ୍ୟନ୍ତ ଦୀର୍ଘ ସାତଦିନ ଧରି ଆୟୋଜିତ ହେବାକୁ ଯାଉଥିବା କାର୍ଯକ୍ରମ ଖୋର୍ଦ୍ଧା ମହୋତ୍ସବକୁ ନେଇ ଦେଖା ଦେଇଛି ସ୍ଥାନୀୟ ଲୋକଙ୍କ ଭିତରେ ବିରୋଧାଭାସ । ସହର ମଧ୍ୟଭାଗରେ ଅବସ୍ଥିତ ଏହି ହାବେଲୀ ପଡ଼ିଆକୁ ଘେରି ରହିଥିବା ବେତାର ଷ୍ଟେସନ, ଡମସାହି, ସଲ୍ଟର କଲୋନୀ, ମହାବୀର କଲୋନୀ, ସ୍ୱପ୍ନେଶ୍ୱର ସାହି, ନବିନାଗ, ବୁଢ଼ୀ ବଗିଚା ଏବଂ ମହିଳା ମହାବିଦ୍ୟାଳୟର ସମ୍ମୁଖ ଅଞ୍ଚଳର ଲୋକ ଆଜି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମାଧ୍ୟମରେ ଅଭିଯୋଗ ଆଣିଛନ୍ତି ।ଏପଟେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଧ୍ୟାନ ନଦେଇ ଆୟୋଜକ ନ୍ୟୁ ଥିଙ୍କିଙ୍ଗ ଫୋରମ୍ ଅନୁଷ୍ଠାନ ଖୋର୍ଦ୍ଧା ମହୋତ୍ସବ କରିବାକୁ ଯାଉଛନ୍ତି ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳିବାକୁ ଲାଗିଥିବା ଜଣାପଡ଼ିଛି । ଅଭିଯୋଗ ମୁତାବକ ହାବେଲୀ ପଡ଼ିଆରେ ଖୋର୍ଦ୍ଧା ମହୋତ୍ସବ କାର୍ଯ୍ୟକ୍ରମ ହେଲେ ଦୀର୍ଘ ସାତଦିନ ଧରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ସ୍ଥାନୀୟ ବାସିନ୍ଦା କହିଥିବା ବେଳେ ମୁଣ୍ଡ ଉପରେ ଛାତ୍ରଛାତ୍ରୀଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା, ତା ସାଙ୍ଗକୁ ହାବେଲୀ ପଡ଼ିଆକୁ ଘେରି ରହିଛି ଅନେକ ଜନବସତି । ଖୋର୍ଦ୍ଧା ମହୋତ୍ସବ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବହୁଳ ମାତ୍ରାରେ ଜନସମାଗମ, ଉଚ୍ଚଧ୍ୱନି ବିଶିଷ୍ଟ ମାଇକ ଶବ୍ଦ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ଦ୍ୱାରା ସ୍ଥାନୀୟ ଲୋକଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ଖୋର୍ଦ୍ଧା ମହୋତ୍ସବ ପରି ବଡ଼ ଧରଣର କାର୍ଯକ୍ରମର ଆୟୋଜନ ଫଳରେ ଅସ୍ୱାସ୍ଥ୍ୟକର



ଏବଂ ଅସୁରକ୍ଷିତ ପରିବେଶ ସୃଷ୍ଟି ମଧ୍ୟ ହେଉଛି, ଯାହା କି, ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପାଇଁ ନାନାଦି ସମସ୍ୟା ସୃଷ୍ଟି କରୁଛି । ହାବେଲୀ ପଡ଼ିଆ ପାଖ ଦେଇ ସହରର ପ୍ରମୁଖ ସ୍ଥାନ ମାନଙ୍କୁ ଗମନାଗମନ ନିମନ୍ତେ ସଂଯୋଗ କରୁଥିବା ଅନେକ ଗୁଡ଼ିଏ ରାସ୍ତା ରହିଥିବା ବେଳେ ପାଖରେ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ଏହା ସହିତ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ହାବେଲୀ ପଡ଼ିଆ କୁ ଘେରି ରହିଥିବା ଆବାସିକ ସ୍ଥଳୀ ମାନଙ୍କରେ ଅନେକ ବୟୋଜେଷ୍ଠ ଏଂ ରୋଗାକ୍ରାନ୍ତ ବୃଦ୍ଧବୃଦ୍ଧାଙ୍କ କ୍ଷେତ୍ରରେ ଅନେକ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଉପୁଜିଥିବାର ନଜିର ରହିଛି । ସେହିପରି ସନ୍ଧ୍ୟା ସମୟରେ ଅଘୋଷିତ ରାସ୍ତାବନ୍ଦ ଦ୍ୱାରା ସ୍ଥାନୀୟ ଲୋକ ମାନଙ୍କୁ ଗମନା ଗମନ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ । ବିନା ସରକାରୀ ଅନୁମତିରେ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ କରା ଯାଇଥା ହେତୁ ସ୍ଥାନୀୟ ବାସିନ୍ଦାମାନେ ନିଜ ନିଜ ଘରକୁ ଫେରିବା ବେଳେ ଅନେକ ଅପ୍ରୀତିକର ପରିସ୍ଥିତିକୁ ସାମ୍ନା କରିବାକୁ ମଧ୍ୟ ପଡ଼ିଥାଏ। ଏପରିକି ନିଜ ଘରକୁ ଫେରିବା ପାଇଁ ଆଧାର କାର୍ଡ ଭଳି ପରିଚୟପତ୍ରକୁ ମହୋତ୍ସବ ପକ୍ଷରୁ ନିୟୋଜିତ ଯୁବକ ମାନଙ୍କୁ ସ୍ଥାନୀୟ ବାସିନ୍ଦା ଦେଖାଇବାକୁ ବାଧ୍ୟ ହୋଇଥିବାର ଅଭିଯୋଗ ମଧ୍ୟ ବିଗତ ବର୍ଷ ମଧ୍ୟ ଆଖି ସାମ୍ନାକୁ ଆସିଥିଲା। ଅନ୍ୟପଟେ ହାବେଲୀ ପଡିଆକୁ ଲାଗି ରହିଥିବା ଯାତାୟାତ ନିମି□ ରାସ୍ତାରେ ଅନୁଷ୍ଠାନ ପକ୍ଷରୁ ଅସ୍ଥାୟୀ ଦୋକାନ ହେତୁ ରାସ୍ତା ସଂକୀର୍ଣ୍ଣ ହେବା ଫଳରେ ଯାତାୟାତ ଜନିତ ଟ୍ରାଫିକ୍ ସମସ୍ୟା ମଧ୍ୟ ଦେଖା ଯାଇଥିଲା । ସେହିପରି ଅନୁଷ୍ଠାନ ପକ୍ଷରୁ ବାହାରୁ ଆସିଥିବା ବ୍ୟବସାୟୀଙ୍କ ନିମନ୍ତେ ପରିସ୍ରା, ଶୌଚ ଏବଂ ସ୍ନାନ ପରି ଦୈନିକଚର୍ଯ୍ୟା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଘର ନିକଟରେ ପରିସ୍ରା ଏବଂ ମଳତ୍ୟାଗ କରିବା ଏବଂ ପରିଷ୍କାର କରିବା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ପରିମଳ ଜନିତ ସମସ୍ୟାକୁ ସମ୍ମୁଖୀନ କରିବାକୁ ପଡ଼ିଥିଲା ଏବଂ ଦର୍ଶକଏବଂ ମହୋତ୍ସବ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟରୁ ବଳକା ଖାଦ୍ୟକୁ ନଷ୍ଟ କରିବା ନେଇ ସୁରକ୍ଷାଜନିତ ବ୍ୟବସ୍ଥା ନଥିବା କାରଣରୁ ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥିଲା ଏଂ ଅଧିକ ରାତି ପର୍ଯ୍ୟନ୍ତ ହାଇ-ଡେସିବଲ୍ ସାଉଣ୍ଡ୍ ସିଷ୍ଟମ୍ ଏବଂ ଉଜ୍ଜ୍ୱଳ ଆଲୋକକୁ ନେଇ କାର୍ଯ୍ୟକ୍ରମ କାରଣରୁ କୋମଳମତି ଶିଶୁଙ୍କ ଠାରୁ ନେଇ ଚିକିତ୍ସାଧୀନ ଏଂ ରୋଗାକ୍ରାନ୍ତ ବାସିନ୍ଦାଙ୍କ କ୍ଷେତ୍ରରେ ନିଦ୍ରାଜନିତ ସମସ୍ୟା ମଧ୍ୟ ସୃଷ୍ଟି କରିଥିଲା । ତେଣୁ ଖୋର୍ଦ୍ଧା ମହୋତ୍ସବକୁ ହାବେଳି ପଡ଼ିଆରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରସାଶନ ପକ୍ଷରୁ ଯଥାଶୀଘ୍ର ଦାବୀ ପୂରଣ ନହେଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ମଧ୍ୟ ଖୋଲାଖୋଲି ଭାବରେ ଚେତାବନୀ ଦେଇଛନ୍ତି।



ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





# ଆମେରିକା ସରକାରରେ ଆଉ ଜଣେ ଭାରତୀୟ ବଂଶୋଭବ ସାମିଲ

**ୱାଶିଂଟନ୍,୨।୧୨(ଏଜେନ୍ସି):** ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏବେ ଆଉ ଜଣେ ଭାରତୀୟଙ୍କୁ ଆମେରିକା ସରକାରରେ ସାମିଲ କରିଛନ୍ତି । ଭାରତୀୟ ବୈଜ୍ଞାନିକ ଜୟ ଭଟ୍ଟାଚର୍ଯ୍ୟଙ୍କୁ ଦେଇଛନ୍ତି ବଡ଼ ଦାୟିତ୍ୱ । ଜୟଙ୍କୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ (NIH)ର ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି । NIH ହେଉଛି ଦେଶର ସର୍ବୋଚ୍ଚ ସ୍ୱାସ୍ଥ୍ୟ ଅନୁସନ୍ଧାନ ଏବଂ ପାଣ୍ଠି ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ । ଏଥିସହିତ ଟ୍ରମ୍ପ ୨.୦ କ୍ୟାବିନେଟ୍ରେ ଭଟ୍ଟାଚାର୍ଯ୍ୟ ଶୀର୍ଷ ପ୍ରଶାସନିକ ପଦରେ ମନୋନୀତ ହୋଇଥିବା ପ୍ରଥମ ଭାରତୀୟ ବଂଶୋଭବ । ଏହା ପୂର୍ବରୁ ଟ୍ରମ୍ପ ଟେସଲା କମ୍ପାନୀ ମାଲିକ ଏଲନ୍ ମସ୍କଙ୍କ ସହ ଡିପାର୍ଟମେଣ୍ଟ ଏଫ୍ ଗର୍ଭମେଣ୍ଟ ଏଫିସିଏନ୍ସିର ନେତୃତ୍ୱ ପାଇଁ ଭାରତୀୟ-ଆମେରିକା ବିବେକ ରାମସ୍ୱାମୀଙ୍କୁ ଚୟନ କରିଥିଲେ । ଏହା ଏକ ସ୍ୱେଚ୍ଛାକୃତ ପଦବୀ । ଏଥିପାଇଁ ଆମେରିକା ସିନେଟ୍ ଦ୍ୱାରା ମଞ୍ଜୁରୀ ଆବଶ୍ୟକତା ନାହିଁ । ଏହାର ଅର୍ଥ ଏହି ବିଭାଗ ଟ୍ରମ୍ପଙ୍କ କ୍ୟାବିନେଟ ସହିତ ସିଧାସଳଖ ସଂଯୁକ୍ତ ନୁହେଁ ଏବଂ ଏହା ସରକାର ବାହାରେ କାମ କରିବ । ଆମେରିକା କ୍ୟାବିନେଟରେ ଶୀର୍ଷ ପଦବୀରେ ଜଣେ ଭାରତୀୟ ବଂଶୋଭବଙ୍କ ନାଁ ମନୋନୀତ କରିବା ପରେ ଟ୍ରମ୍ପଙ୍ଗ୍ସାନୀ ମାଲିକ ଏଲନ୍ ମସ୍କଙ୍କ ସହ ଡିପାର୍ଟମେଣ୍ଟ ଏଫ୍ ଗର୍ଭମେଣ୍ଟ ଏଫିସିଏନ୍ସିର ନେତୃତ୍ୱ ପାଇଁ ଭାରତୀୟ-ଆମେରିକା ବିବେକ ଅତ୍ୟନ୍ତ ଖୁସି ଥିବା କହିଛନ୍ତି । ଭଟ୍ଟାଚର୍ଯ୍ୟ ରବର୍ଟ ଏଫ. କେନେଡି ଜୁନିଅରଙ୍କ ସହ ମିଶି ଦେଶରେ ମେଡିକାଲ ରିସର୍ଚ୍ଚ ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ଏମାନେ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଦିଗରେ କାର୍ଯ୍ୟ କରିବେ ଯାହା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ ଏବଂ ଲୋକଙ୍କ ଜୀବନ ରକ୍ଷା କରିବ ।'



# ଭାରତ ଓ ବାଂଲାଦେଶ ମୁହାଁମୁହିଁ

**ନୂଆଦିଲ୍ଲୀ,୨।୧୨(ଏଜେନ୍ସି):** ବାଂଲାଦେଶରେ ଇସ୍କନର ସନ୍ଥ ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରିଙ୍କୁ ଗିରଫ କରାଯିବା ପରେ ଭାରତ ସମେତ ଅନେକ ସ୍ଥାନରୁ ସମାଲୋଚନା କରାଯାଇଛି । ଏହି ଗିରଫ ଘଟଣା ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ବଢୁଥିବା ଆକ୍ରମଣ ମଧ୍ୟରେ ଆସିଛି । ଚିନ୍ମୟ କୃଷ୍ଣ ଦାସ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ନେତୃତ୍ୱ ନେଉଥିଲେ । ଅକ୍ଟୋବରରେ ଚଟ୍ଟୋଗ୍ରାମରେ ଏକ ରାଲିରେ ତାଙ୍କ ବିରୁଦ୍ଧରେ ବାଂଲାଦେଶୀ ପତାକାକୁ ଅପମାନିତ କରିଥିବା ଅଭିଯୋଗ ହୋଇଥିଲା । ଏହି ଗିରଫଦାରୀକୁ ନେଇ ଭାରତ ସରକାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ନିଶ୍ଚିତ କରିବାକୁ ବାଂଲାଦେଶ ସରକାରଙ୍କୁ କହିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଖୋଲାଖୋଲି ଭାବେ ବୁଲୁଛନ୍ତି, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ, କିନ୍ତୁ ଶାନ୍ତିପୂର୍ଣ୍ଣ ବୈଠକ ମାଧ୍ୟମରେ ଆଇନଗତ ଦାବି ଉଠାଇଥିବା ଜଣେ ଧାର୍ମିକ ନେତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ସଂଖ୍ୟାଲଘୁ ମାନଙ୍କର ଘର ଓ ଦୋକାନ ଆଦିକୁ ଜାଳିଦେବା ଏବଂ ଲଟପାଟ୍ ହେବା ସହିତ ଚୋରି, ଭଙ୍ଗାରୁଜା ଏବଂ ଦେବୀ-ଦବତାଙ୍କୁ ମନ୍ଦିରକୁ ଅପବିତ୍ର କରିବା ଭଳି ଅନେକ ଅପମାନଜନକ ମାମଲା ରହିଛି । ଏକ ବିବୃତ୍ତିରେ କୁହାଯାଇଛି ଯେ



ଦୁର୍ଭାଗ୍ୟଜନକ ବିଷୟ ହେଉଛି, ଏହି ଘଟଣାର ଅଭିଯୁକ୍ତମାନେ ଏପର୍ଯ୍ୟନ୍ତ ଖୋଲାଖୋଲି ଭାବେ ବୁଲୁଛନ୍ତି କିନ୍ତୁ ଜଣେ ସନ୍ଥ ଶାନ୍ତିପୂର୍ଣ୍ଣଭାବେ ବୈଠକ କରିବା ପରେ ମଧ୍ୟ ତାଙ୍କୁ ଗିରଫ କରିବା କେତେଦୂର ଯୁକ୍ତିଯୁକ୍ତ । ବୈଦେଶିକ ମନ୍ତ୍ରାଳୟ ଦାସଙ୍କ ଗିରଫଦାରୀ ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରଦର୍ଶନ କରୁଥିବା ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଚିନ୍ତାପ୍ରକଟ କରିଛନ୍ତି । ସେପଟେ ଅନ୍ୟପକ୍ଷରେ ବୈଦେଶିକ ମନ୍ତ୍ରାଳୟର ବୟାନ ଉପରେ ବଂଲାଦେଶ ବୈଦେଶିକ ମନ୍ତ୍ରାଳୟ ଢାକାରେ କହିଛି ଯେ, ଏସବୁ ଭିତ୍ତିହୀନ ଏବଂ ଉଭୟ ଦେଶ ମଧ୍ୟରେ ବନ୍ଧୁତା ଭାବନାର ବିପରିତ ଅଟେ । ବାଂଲାଦେଶରେ ଇସ୍କନ୍ ସନ୍ଥଙ୍କୁ ଗିରଫଦାରି ଉଭୟ ଭାରତ ଓ ବାଂଲାଦେଶ ସମ୍ପର୍କ ମଧ୍ୟରେ ବିବାଦ ଠିଆ କରାଇଛି । ବିଶ୍ୱ ହିନ୍ଦୁ ପରିଷଦ ତମାମ ଘଟଣାକୁ ଘୃଣ୍ୟ ଏବଂ ଅଗଣତାନ୍ତ୍ରୀ କହି ସମାଲୋଚନା କରିଛି । କୃଷ୍ଣ ଦାସ ବ୍ରହ୍ମଚାରିଙ୍କ ମୁକ୍ତି ପାଇଁ ବାଂଲାଦେଶ ସହ କଥାବାର୍ତ୍ତା କରିବାକୁ ଇସ୍କନ୍ ଭାରତକୁ ନିବେଦନ କରିଛି । ଇସ୍କନ୍ କୃଷ୍ଣ ଦାସଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି । ସଦଗୁରୁ ତଥା ଶ୍ରୀ ଶ୍ରୀ ରବି ଶଙ୍କର ମଧ୍ୟ ଏହି ଗିରଫଦାରୀକୁ ସମାଲୋଚନା କରିଛନ୍ତି । ରବି ଶଙ୍କର କହିଛନ୍ତି, 'ଲୋକମାନଙ୍କ ପାଇଁ ଶାନ୍ତି ଏବଂ ନିରାପତ୍ତା ଆଇଥିବା ପ୍ରଫେସର ମହମ୍ମଦ ୟୁନୁସଙ୍କଠାରୁ ଆମେ ଅଧିକ ଆଶା କରୁଛୁ ଏବଂ ସେଥିପାଇଁ ତାଙ୍କୁ କାର୍ଯ୍ୟନିର୍ବାହୀ ସରକାରର ମୁଖ୍ୟ କରାଯାଇଛି । ଆମେ ଆଶା କରିବୁ ନାହିଁ ଯେ ସେମାନେ ଏମିତି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଯାହା ସମ୍ପ୍ରଦାୟ ମଧ୍ୟରେ ଅଧିକ ଚିନ୍ତା ଏବଂ ଭୟ ସୃଷ୍ଟି କରିବ ।'

# ଜିନପିଙ୍ଗ ସରକାରଙ୍କ ବଢ଼ିଲା ଅଡୁଆ

**ବେଜିଂ,୨।୧୨(ଏଜେନ୍ସି):** ଚୀନର ସି ଜିନିପିଙ୍ଗ ସରକାରରେ ସବୁକିଛି ଏବେ ଠିକ୍ ଚାଲିନି । ଲଗାତାର ଦେଶର ତୃତୀୟ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉପରେ ଲାଗିଛି ଭ୍ରଷ୍ଟାଚାର ଅଭିଯୋଗ । ସରକାର ଯାଞ୍ଚ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ରିପୋର୍ଟ ଅନୁସାରେ, ପ୍ରତିରକ୍ଷାମନ୍ତ୍ରୀ ଆଡମିରାଲ ଡୋଙ୍ଗ ଜୁନ୍‌ଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଚୀନ୍ର ପିପୁଲ୍ସ ଲିବରେସନ୍ ଆର୍ମିକୁ ଚକିତ କରିଦେଇଛି । ଫାଇନାନ୍ସିଆଲ ଟାଇମ୍ସ ବୁଧବାର କହିଛି, ଡୋଙ୍ଗ ଜୁନ୍‌ଙ୍କ ବିରୋଧରେ ଯାଞ୍ଚ ଆରମ୍ଭ ହୋଇଯାଇଛି । ବର୍ତ୍ତମାନ ଓ ପୂର୍ବତନ ଆମେରିକୀୟ ଅଧିକାରୀଙ୍କ କହିବା ଅନୁସାରେ, ଡୋଙ୍ଗ କଥିତ ଭାବରେ ଭ୍ରଷ୍ଟାଚାର ପାଇଁ ହୋଇଥିବା ଯାଞ୍ଚର ସାମନା କରୁଥିବା ଲଗାତାର ତୃତୀୟ ଚୀନ୍ ପ୍ରତିରକ୍ଷା ମନ୍ତ୍ରୀୟ ତେବେ ଚୀନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ମାମଲାରେ କେଣସି ଟିପ୍ପଣୀ ଦେଇ ନାହିଁ । ଚୀନ୍ ସେନା ଗତ ବର୍ଷ ବ୍ୟାପକ ଭ୍ରଷ୍ଟାଚାର ବିରୋଧି ଅଭିଯାନ ଚଳାଇଛି । ଏପର୍ଯ୍ୟନ୍ତ ଅତି କମରେ ୯ ପିଏଲଏ ଜେନେରାଲ ଓ ଅଳ୍ପ କିଛି ପ୍ରତିରକ୍ଷା ଉଦ୍ୟୋଗ ଅଧିକାରୀଙ୍କୁ ହଟାଇ ଦିଆଯାଇଛ । ଏବେ ପ୍ରତିରକ୍ଷା ମନ୍ତ୍ରୀଙ୍କ ନାଁ ଆସିବା ପରେ ସରକାରଙ୍କ ଚିନ୍ତା ବଢାଇ ଦେଇଛି । ପିଏଲ୍ଏର ପୂର୍ବତନ ନେସେନା ମୁଖ୍ୟ ଡୋଙ୍ଗ ଡିସେମ୍ବର ୨୦୨୩ ରେ ପ୍ରତିରକ୍ଷା ମନ୍ତ୍ରୀଭାବରେ ନିଯୁକ୍ତ ହୋଇଥିଲେ । ତାଙ୍କ ପୂର୍ବରୁ ଲି ଶାଙ୍ଗଫୁ ୭ ମାସର କାର୍ଯ୍ୟକାଳ ପରେ ହଟାଇ ଦିଆଯାଇଥିଲେ । ଡୋଙ୍ଗ ଗତ ସପ୍ତାହ ଲାଓସରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏକ ବୈଠକ ବେଳେ ଆମେରିକା ପ୍ରତିରକ୍ଷା ସଚିବ ଲାୟଡ ଅଷ୍ଟିନଙ୍କୁ ଭେଟିବାକୁ ମନା କରିଦେଇଛନ୍ତି । ସେତେବେଳେ ପେଣ୍ଟାଗନର ମୁଖ୍ୟ ବୁଧବାର କହିଛନ୍ତି, ଏହି ପଦକ୍ଷେପ ଦୁର୍ଭାଗ୍ୟପୂର୍ଣ୍ଣ ରହିଛି । ତାଙ୍କର କାର୍ଯ୍ୟକାଳ ବେଳେ ଆମେରିକା-ଚୀନ୍ ସେନା ସହ ସେନାର ସମ୍ପର୍କରେ ନରମ ମନୋଭାବ ଆସିଥିଲା । ଦୁଇ ଦେଶ ମଧ୍ୟରେ ପ୍ରଥମ ଥର ସଫଳ ଥିଏଟର ସ୍ତରୀୟ କମାଣ୍ଡର ବାର୍ତ୍ତା ହୋଇଥିଲା ।



# କୋକା-କୋଲା ଖୁଚୁରା ଇକୋସିଷ୍ଟମ ଜାଗ୍ରତ ହୋଇପାରିଛି

**ଭୁବନେଶ୍ୱର,୨।୧୨ (ମହାଭାରତ):** ୨୦୪୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ ଅର୍ଥନୀତି ଲକ୍ଷ୍ୟ ରଖି ଯେହେତୁ ଭାରତ ୩୫ ଟ୍ରିଲିୟନ ଆମେରିକୀୟ ମୁଦ୍ରାର ପଥରେ ନିଜକୁ ଅବସ୍ଥାପିତ କରିବାକୁ ଯାଉଛି, ସେଥିପାଇଁ ଖୁଚୁରା ନେଟୱାର୍କ ତଥା ଗ୍ରାହକମାନଙ୍କୁ ଆକର୍ଷିତ କରିବା ଭଳି ପ୍ରଭାବଶାଳୀ ପଦକ୍ଷେପ ଜରିଆରେ, ଅଣ-ମାଦକଦ୍ରବ୍ୟ ମୃଦୁପାନୀୟ କ୍ଷେତ୍ର ଦେଶର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମୂଲ୍ୟଯୁକ୍ତ ପ୍ରଦାନ କରିବା ସହିତ ନିଜକୁ ଏକ ସହଯୋଗୀ ଭାବରେ ଅବସ୍ଥାପିତ ହେବା ଜାରି ରଖିଛି । ଏହି ପରିପ୍ରେକ୍ଷୀରେ, କୋକା-କୋଲା ଇଣ୍ଡିଆ ଏହାର ଅଭିନବୀକରଣୀୟ ଶୀତଳ ସମାଧାନ ସହିତ ସମଗ୍ର ଦେଶରେ ଖୁଚୁରା ବ୍ୟବସାୟୀମାନଙ୍କୁ ସଜ୍ଜିତ କରାଇବା ସହିତ ଦେଶର ଖୁଚୁରା ଇକୋସିଷ୍ଟମକୁ ଅଧିକ ମଜବୁତ କରିପାରିଛି । ଅତିରିକ୍ତ ଭାବରେ, ବୃଦ୍ଧି ପାଉଥିବା ଖୁଚୁରା ଭିତିଭୂମିର ମଧ୍ୟ ଭାଗରେ ବ୍ୟବସାୟୀ ମାନଙ୍କୁ ସଶକ୍ତକରଣ ଉପରେ ଦୃଷ୍ଟି ଆକର୍ଷଣ କରିବା ସହିତ କୋକା-କୋଲାର ସୁପର ପାୱାର ରିଟେଲର କାର୍ଯ୍ୟକ୍ରମ କ୍ଷୁଦ୍ର ଏବଂ ମଧ୍ୟମ ଆକାରର ଖୁଚୁରା ବ୍ୟବସାୟୀମାନଙ୍କୁ ଉତ୍ସ ଗୁଡ଼ିକ ସହିତ ସଜ୍ଜିତ କରି ଗ୍ରାହକମାନଙ୍କ ଅଭିଜ୍ଞତା ବୃଦ୍ଧି କରିବା ସହିତ ସେମାନଙ୍କର ବ୍ୟବସାୟିକ ଅଭିବୃଦ୍ଧି କରିପାରିଛି । ଖୁଚୁରା ରାଜସ୍ୱ ଦିଗକୁ ବୃଦ୍ଧି କରିବା ସମୟରେ, କୋକା-କୋଲା ଯାହାକି ଭାରତର ଶୀତଳ ପ୍ରଦାନକାରୀ ଅଟେ ସମଗ୍ର ଦେଶରେ ଖୁଚୁରା ବ୍ୟବସାୟ କ୍ଷେତ୍ରରେ ସାଧାରଣ ଭାବେ ବୃଦ୍ଧି ପାଇବା ସହିତ ଥଣ୍ଡା ପାନୀୟ ପାଇଁ ଗ୍ରାହକମାନଙ୍କ ପ୍ରବେଶକୁ ବୃଦ୍ଧି କରିପାରିଛି । ସମନ୍ୱିତ ବୈଷୟିକ ବିକଶିତ ଭଣ୍ଡାର ପରିଚାଳନା ବିଶେଷତ୍ୱ ସହିତ ଏହା ଖୁଚୁରା ବ୍ୟବସାୟୀମାନଙ୍କୁ ନିରବଚ୍ଛିନ୍ନ ଭାବରେ ସେମାନଙ୍କର ଷ୍ଟକ ପରିଚାଳନାରେ ସକ୍ଷମ କରିପାରିଛି । ପ୍ରତ୍ୟେକ ଗ୍ରାହକମାନଙ୍କ ଉତ୍ପାଦନ ସାମଗ୍ରୀ ଦୃଶ୍ୟତାକୁ ବୃଦ୍ଧି ଏବଂ ସତେଜତାର ଅଭିଜ୍ଞତାକୁ ସୁନିଶ୍ଚିତ କରିବା ସହିତ ଭାରତର ପ୍ରତ୍ୟେକ କୋଣ ଅନୁକୋଣରେ ଏହି ମୃଦୁ ପାନୀୟର ଗ୍ରହଣୀୟତାକୁ ସରଳ କରିବାର ନିଜର ବଚନ ବଦ୍ଧାକୁ ପ୍ରତିଷ୍ଠାନ ଦୃଢ଼ କରିପାରିଛି ।

# ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ନୂଆ ବିଜ୍ଞାପନର ଶୁଭାରମ୍ଭ

**ଭୁବନେଶ୍ୱର,୨।୧୨ (ମହାଭାରତ):** ଦେଶର ଅନ୍ୟତମ ଅଗ୍ରଣୀ ଇସ୍ପାତ ଓ ସମନ୍ୱିତ ଟିଏମ୍‌ଟି ବାର୍ ନିର୍ମାତା ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ବଲିଉଡ୍ ତାରକା ତଥା ବ୍ରାଣ୍ଡ୍ ଆମ୍ବାସାଡର ଶାହରୁଖ ଖାନ, ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କୁ ନେଇ ପଂଚମ ଟିଭି ବିଜ୍ଞାପନ ଉନ୍ମୋଚନ କରାଯାଇଛି । ଏକ ବିବାହ କାଉନ୍‌ସିଲିଙ୍ଗ ଅଧିବେଶନ ଉପରେ ଆଧାରିତ ଏହି ବିଜ୍ଞାପନରେ ଥେରାପିଷ୍ଟ ଭୂମିକାରେ ଥିବା ଶାହରୁଖଙ୍କଠାରୁ ପରାମର୍ଶ ଚାହୁଁଛନ୍ତି । ଆଲିଆଙ୍କୁ ଏଥିରେ ଗଲି ବଏ ସିନେମାର ସଫିନା ଭୂମିକାରେ ଦେଖିବାକୁ ମିଳୁଛି ଯିଏ ଯେ ଜୱାନି ହେ ଦିୱାନୀର ବନି ସହିତ ସାମ୍ନାସାମ୍ନି ହେଉଛନ୍ତି । ଡିୟର ଜିନ୍ଦଗୀର ଜାହାଙ୍ଗୀର ଭୂମିକାରେ ଥିବା ଶାହରୁଖଙ୍କ ପାଖକୁ ସେ ପରାମର୍ଶ ପାଇଁ ଯାଉଛନ୍ତି । ଟିଭି ବିଜ୍ଞାପନରେ ନିଜର ଅସନ୍ତୋଷ ଜାହିର କରି ରଣବୀର କହୁଛନ୍ତି ଯେ ଘର ରହିବା ପାଇଁ ସୁରକ୍ଷିତ ସ୍ଥାନ ନୁହେଁ । ସେଦିନ ସୂର୍ଯ୍ୟାସ୍ତ ଦେଖିବାକୁ ଛାତ ଉପରେ ଚଢ଼ିଥିଲି ଆଉ ଛାତ ଭାଙ୍ଗିଗଲା । ତାହାର ଉତରରେ ଆଲିଆ କହୁଛନ୍ତି କାନ୍ଥରେ ରକ୍ କ୍ଲାଇମ୍ବିଂ କରିବା ଲାଗି କିଏ କହିଥିଲା ? ଏହାପରେ ଶାହରୁଖ କହୁଛନ୍ତି, ଏହାକୁ ଯଦି ଘରେ ଲଗାଇବ ତେବେ ବିବାହ କଥା ଜଣାନାହିଁ, କିନ୍ତୁ ଘର କେବେ ଭାଙ୍ଗିବ ନାହିଁ । ରୁଙ୍ଗଟା ନାହିଁ ତ ଘର ଦୃଢ଼ ନାହିଁ ବୋଲି ସେ କହୁଛନ୍ତି ।

# ଶ୍ରୀରାମ ଫାଇନାନ୍ସ ରାହୁଲ ଦ୍ରାବିଡଙ୍କ ସହିତ ପ୍ରଚାର ଅଭିଯାନ ଟୁଗେଦର୍ ୱି ସୋର୍'

**ମୁମ୍ବାଇ,୨।୧୨ (ମହାଭାରତ):** ଶ୍ରୀରାମ ଗ୍ରୁପ୍‌ର ଫ୍ଲାଗସିପ କମ୍ପାନୀ ତଥା ଭାରତର ଅନ୍ୟତମ ଅଗ୍ରଣୀ ଆର୍ଥିକ ସେବା ଯୋଗାଣକାରୀ ଶ୍ରୀରାମ ଫାଇନାନ୍ସ ଲିମିଟେଡ ' ଟୁଗେଦର୍ ୱି ସୋର୍' ଶୀର୍ଷକରେ ଏକ ପ୍ରେରଣାଦାୟୀ ନୂଆ ବ୍ରାଣ୍ଡ୍ ପ୍ରଚାର ଅଭିଯାନ ଆରମ୍ଭ କରିଛି । ଏହି ପ୍ରଚାର ଅଭିଯାନ ଆକାଂକ୍ଷୀ ଭାରତ ସହିତ ସହଭାଗୀ ହେବାକୁ ଶ୍ରୀରାମ ଫାଇନାନ୍ସର ପ୍ରତିବଦ୍ଧତା ପ୍ରତିଫଳିତ କରୁଛି ଏବଂ ସଂଯୋଗ ଓ ଏକତାର ଶକ୍ତି ସମ୍ପର୍କରେ ଆଲୋକପାତ କରୁଛି । ସମ୍ପ୍ରତି ଅନେକ ଭାରତୀୟ 'ତେବେ କଣହେଲା ?' ଭାବନାକୁ ଆପଣାଉଛନ୍ତି, ଯାହା ସଫଳତା ନିମନ୍ତେ ସେମାନଙ୍କ ଯାତ୍ରାରେ ଯେକୌଣସି ଚାଲେଞ୍ଜ ଅତିକ୍ରମ କରିବାକୁ ସେମାନଙ୍କର ଆକାଂକ୍ଷାକୁ ପ୍ରତିଫଳିତ କରୁଛି । ଏହି ପ୍ରଚାର ଅଭିଯାନ ଏହିଭଳି ଉତ୍ସାହକୁ ନେଇ ଆଗେଇବା ଏବଂ ଆଗକୁ ବଢିବା ନିମନ୍ତେ ରାହୁଲ ଦ୍ରାବିଡଙ୍କ ନିଜ ଜୀବନର କିଛି କଥାକୁ ନେଇ ସହଭାଗୀତା ସମ୍ପର୍କରେ ବର୍ଣ୍ଣନା କରିବା ଲକ୍ଷ୍ୟ ରଖୁଛି । ଏଥିରେ ସ୍ପଷ୍ଟ ବାର୍ତ୍ତା ରହିଛି: "ଏକତ୍ରଭାବରେ ଆମେ ଆଗକୁ ବଢୁ । ଆମ ଗ୍ରାହକମାନଙ୍କ ସହିତ ମଜଭୁତ ସମ୍ପର୍କ ନିର୍ମାଣକରି, ଆମେ ସେମାନଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବା ନିମନ୍ତେ ସେମାନଙ୍କ ଶକ୍ତି ହାସଲ ଦିଗରେ ସହାୟକ ହେଉଛୁ ।" କ୍ରିକେଟ ଜଗତର କିମ୍ବଦନ୍ତୀ ପୁରୁଷ ରାହୁଲ ଦ୍ରାବିଡ ବ୍ରାଣ୍ଡ ଆମ୍ବାସାଡର ଭାବରେ ଦେଖିବାକୁ ମିଳୁଛି, ଯିଏ ଦଳଗତ କାର୍ଯ୍ୟ ଏବଂ ମଜଭୁତପଣ ମୂଲ୍ୟବୋଧ ବହନ କରୁଛନ୍ତି ଏବଂ ଶ୍ରୀରାମ ଫାଇନାନ୍ସ ମଧ୍ୟ ସେଥିପାଇଁ ଛିଡାହୋଇଛି । ତାଙ୍କର ଉପସ୍ଥିତି ଅଭିବୃଦ୍ଧିକୁ ପ୍ରେରଣା ଦେଉଥିବା ସହଭାଗୀତାକୁ ପୃଷ୍ଠପୋଷକତା କରିବା ନିମନ୍ତେ ବ୍ରାଣ୍ଡର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରୁଛି । ପ୍ରଚାର ଅଭିଯାନର ପ୍ରଭାବକୁ ଅଧିକ ଦମ୍‌ଦାର କରିବା ନିମନ୍ତେ ବିଶିଷ୍ଟ ଅଭିନେତା ନସିରୁଦ୍ଦିନ ଶାହ ବିଜ୍ଞାପନ ଚଳଚ୍ଚିତ୍ରର ହିନ୍ଦୀ ସଂସ୍କରଣରେ ନିଜର ସ୍ୱର ଦେଇଛନ୍ତି ଯାହାର ଶୀର୍ଷକ ରହିଛି 'ହର୍ ଇଣ୍ଡିଆନ୍‌କେ ସାଥ୍: ଜୁଡେଙ୍ଗେ, ଉଡେଙ୍ଗେ' । ୫୦ ବର୍ଷରୁ ଅଧିକ କାଳ ଧରି ଚଳଚ୍ଚିତ୍ରରେ ଅଭିନୟ ସହିତ ନିର୍ଦ୍ଦେଶନତା ଦେଇଥିବା ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ବିଜେତା ଶ୍ରୀ ଶାହ ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଅନନ୍ୟ ଅବଦାନ ନିମନ୍ତେ ବହୁ ସମ୍ମାନ ଲାଭ କରିଛନ୍ତି ।

# କାର୍-ଟ୍ରକ୍ ଧକ୍କା : ୫ ମୃତ

**ରାୟପୁର/ସରଗୁଜା, ୨।୧୨(ଏଜେନସି):** ଛତିଶଗଡ଼ର ସରଗୁଜାରେ ରବିବାର ସକାଳେ ଏକ ସ୍କୋଡା କାର୍- ଓ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି । ଉଦୟପୁର ଥାନା ଅନ୍ତର୍ଗତ୧୩୦ ନଂ ଜାତୀୟ ରାଜପଥର ଗୁମଗା ନିକଟରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ କାର୍ ରେ ଯାତ୍ରା କରୁଥିବା ୫ ଜଣଙ୍କ ମୃତ୍ୟୁ ଘଟିଛି । ୪ ଜଣ ଯୁବକ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ବେଳେ ଜଣେ ଯୁବକକୁ ମେଡିକାଲ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ମୃତକମାନଙ୍କ ଶବ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି ।

# ବଢ଼ିଲା କମର୍ସିଆଲ ଗ୍ୟାସ ସିଲିଣ୍ଡର ରେଟ୍

**ନୂଆଦିଲ୍ଲୀ,୨।୧୨(ଏଜେନସି):** ବର୍ଷର ଶେଷ ମାସର ପ୍ରଥମ ଦିନରେ କମର୍ସିଆଲ ଗ୍ୟାସ ସିଲିଣ୍ଡର ରେଟ ପୁଣି ଥରେ ବୃଦ୍ଧି ପାଇଛି । ତୈଳ କଂପାନୀ ଡିସେମ୍ବର ୧ ତାରିଖରେ ୧୯ କିଲୋ ବିଶିଷ୍ଟ ଏଲପିଜି ସିଲିଣ୍ଡର ରେଟରେ ୧୬.୫୦ ପଇସା ବୃଦ୍ଧି କରିଛନ୍ତି । ୧୯ କିଲୋ ବିଶିଷ୍ଟ କର୍ମସିଆଲ ଗ୍ୟାସ ସିଲିଣ୍ଡର ରେଟ ଦିଲ୍ଲୀରେ ଏବେ ୧୮୧୮.୫୦ ଟଙ୍କା ହୋଇଛି । ଏହା ଲଗାତର ୫ମ ମାସ, ଯେଉଁଥିରେ ଏଲପିଜି ସିଲିଣ୍ଡର ଦାମ ବୃଦ୍ଧି କରାଯାଇଛି । ତେବେ ଆଶ୍ୱସ୍ତିର କଥା ଯେ, ଘରୋଇ ରନ୍ଧନ ଗ୍ୟାସ ମୂଲରେ କୌଣସି ପରିବର୍ତ୍ତନ କରାଯାଇନାହିଁ ।

# ପର୍ଣ୍ଣୋଗ୍ରାଫି ମାମଲାରେ ରାଜ କୁନ୍ଦ୍ରାଙ୍କୁ ଇଡିର ନୋଟିସ

**ମୁମ୍ବାଇ,୨।୧୨(ଏଜେନ୍ସି):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଟିମ୍ ପର୍ଣ୍ଣୋଗ୍ରାଫି ମାମଲାରେ ଫିଲ୍ମ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ ସମନ ଜାରି କରି ସୋମବାର ପଚରାଉଚରା ପାଇଁ ଡାକିଛି । ରାଜ କୁନ୍ଦ୍ରାଙ୍କୁ ପଠାଯାଇଥିବା ସମନରେ କୁହାଯାଇଛି ଯେ, କୁନ୍ଦ୍ରାଙ୍କୁ ସୋମବାର ଦିନ ୧୧ ଟା ବେଳେ ମୁମ୍ବାଇ ସ୍ଥିତ ଇଡି କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପଡିବ । ଇଡି ସୂତ୍ର ମୁତାବକ ପର୍ଣ୍ଣୋଗ୍ରାଫି ମାମଲାରେ ମୁମ୍ବାଇ ପୋଲିସ ଟିମ ରାଜ କୁନ୍ଦ୍ରାଙ୍କ ମୁମ୍ବାଇ ସ୍ଥିତ ବାସଭବନରେ ନଭେମ୍ବର ୨୯ରେ ରେଡ୍ କରିଥିଲା । ଏହି ମାମଲାରେ ଇଡି ପ୍ରାୟ ୧୫ଟି ଠିକଣାରେ ରେଡ୍ କରିଥିଲା ।

# ତାମିଲନାଡୁ ଉପକୂଳ ଅତିକ୍ରମ କଲା ସାମୁଦ୍ରିକ ଝଡ଼ ଫେଙ୍ଗଲ



**ନୂଆଦିଲ୍ଲୀ,୨।୧୨(ଏଜେନସି):** ସାମୁଦ୍ରିକ ଝଡ଼ ଫେଙ୍ଗଲ ତାମିଲନାଡୁ ଏବଂ ପୁଡୁଚେରୀରେ ପହଂଚିବା ପରେ ସେଠାରେ ଭୀଷଣ ବର୍ଷା ସାଙ୍ଗକୁ ପବନ ଜାରି ରହିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ମୁତାବକ, ସାମୁଦ୍ରିକ ଝଡ଼ ଫେଙ୍ଗଲ ତାମିଲନାଡୁ ଏବଂ ପୁଡୁଚେରୀ ଉପକୂଳ ଅତିକ୍ରମ କରିଛି । ଏହା ପଶ୍ଚିମ- ଦକ୍ଷିଣ- ପଶ୍ଚିମ ଦିଗରେ ଆଗକୁ ବଢି ପୁଡୁଚେରୀ ନିକଟ କରାଇକଲ ଏବଂ ମହାବଳୀପୁରମ୍ ମଧ୍ୟରେ ଉତ୍ତର ତାମିଲନାଡୁ- ପୁଡୁଚେରୀ ଉପକୂଳ ଅତିକ୍ରମ କରିଛି । ଏହା ୭୦ରୁ ୮୦ କି.ମି. ପ୍ରତି ଘଂଟା ପବନର ବେଗ ସହିତ ଘଂଟା ପ୍ରତି ୯୦ କି.ମି. ବେଗରେ ଆଗକୁ ବଢୁଛି । ଏହାର ପ୍ରଭାବରେ ତାମିଲନାଡୁରେ ଭୀଷଣ ବର୍ଷା ଜାରି ରହିଛି । ଏଥିସହ ବର୍ଷା ନେଇ ଆଲର୍ଟ ଜାରି କରିଛି ଆଇଏମଡି । ଗତକାଲି ରାତି ପ୍ରାୟ ୮ଟାରୁ ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ଆରମ୍ଭ ହୋଇ ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ଚାଲିଥିଲା ପେଙ୍ଗଲୀ ଲ୍ୟାଣ୍ଡିଂ ପ୍ରକ୍ରିୟା । ଏହି ସମୟରେ ଘଣ୍ଟାପ୍ରତି ୮୦ରୁ ୯୦ କିଲୋମିଟର ବେଗରେ ପବନ ବହିଥିଲା । ଫଳରେ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ସେହିପରି ଚେନ୍ନାଇରେ ବିଦ୍ୟୁତ ସଂସ୍ପର୍ଶରେ ଆସି ୩ ଜଣଙ୍କ ମୃତ୍ୟୁ ହୋଇଛି ।

ବିଭିନ୍ନ ସ୍ଥାନରେ ଘରଦ୍ୱାର ନଷ୍ଟ ହେବା ସହ ବଡବଡ ଗଛ ଉପୁଡ଼ି ପଡ଼ିଛି । ଲଗାଣ ବର୍ଷାଯୋଗୁ ଚେନ୍ନାଇରେ ଗମ୍ଭୀର ଗୁରୁତର ସ୍ଥିତି ସୃଷ୍ଟି ହୋଇଛି ପୁଡୁଚେରୀ, ଚେନ୍ନାଇ, ବିଶାଖାପାଟଣା, ମହାବଳୀପୁରମ ଅଞ୍ଚଳର ଲୋକେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି । ବିଭିନ୍ନସ୍ଥାନ ଜଳମଗ୍ନ ହୋଇପଡ଼ିଥିବାରୁ ଯାତାୟାତ ପ୍ରଭାବିତ ହୋଇଛି ।

# ପରମାଣୁ ପରୀକ୍ଷା କରିବ ଇରାନ !

**ତେହେରାନ,୨।୧୨(ଏଜେନ୍ସି):** ଇରାନ ଆଣବିକ କାର୍ଯ୍ୟକ୍ରମକୁ ଆଇଏଇଏଠାରୁ ଲୁଚାଇ ରଖିଥିଲା । ଏବେ ଆଇଏଇଏର ଏକ ରିପୋର୍ଟ ୟୁରୋପୀୟ ଦେଶଗୁଡ଼ିକର ଚିନ୍ତା ବଢ଼ାଇଛି । ବାସ୍ତବରେ, ଏହି ରିପୋର୍ଟରେ ଇରାନ କହିଛି ଯେ ୟୁରାନିୟମ୍ ସମୃଦ୍ଧ ହେବା ପାଇଁ ୬୦୦୦ ନୂତନ ସେଣ୍ଟ୍ରିଫ୍ୟୁଗ୍ ସ୍ଥାପନ କରିବାକୁ ଚିନ୍ତା କରୁଛି । କେବଳ ଏତିକି ନୁହେଁ, ଇରାନର ନିଜସ୍ୱ ଆଣବିକ ସିଦ୍ଧାନ୍ତରେ ପରିବର୍ତ୍ତନ ବିଷୟରେ ଆଲୋଚନା ହୋଇଛି । ଏବେ ଅନ୍ତର୍ଜାତୀୟସ୍ତରରେ ପ୍ରଶ୍ନ ଉଠିଛି ଇରାନ ନୂଆବର୍ଷରେ ପରମାଣୁ ପରୀକ୍ଷା କରିବାକୁ ଯାଉଛି କି ? ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବା ପାଇଁ ଦେଢ଼ ମାସ ବାକି ଅଛି କିନ୍ତୁ ଏହାପୂର୍ବରୁ ଇରାନରୁ ଏଭଳି ଖବର ଆସିଛି, ଯାହାକୁ ନେଇ ୱାଶିଂଟନରୁ ପ୍ୟାରିସ ପର୍ଯ୍ୟନ୍ତ ଆତଙ୍କ ସୃଷ୍ଟି ହୋଇଛି ।

# ନାଟୋ ଦେଶର ଅସ୍ତ୍ରଶସ୍ତ୍ରକୁ ପୁଟିନଙ୍କ ଟାର୍ଗେଟ

## ଏଟିଏସିଏମଏସ ନେଇ ୟୁକ୍ରେନ ଯାଉଥିବା ଟ୍ରେନକୁ ଉଡ଼ାଇଲା ରୁଷ

**ନୂଆଦିଲ୍ଲୀ,୨।୧୨(ଏଜେନ୍ସି):** ୟୁକ୍ରେନ ପକ୍ଷରୁ ରୁଷ ଉପରେ ଆମେରିକାର ଦୂରଗାମୀ କ୍ଷେପଣାସ୍ତ୍ର ଏଟିଏସିଏମଏସ ଦ୍ୱାରା ଆକ୍ରମଣ କରାଯିବା ପରଠାରୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆକ୍ରମଣକୁ ଅଧିକ ତୀବ୍ରତର କରିଛନ୍ତି । ୟୁକ୍ରେନ ଉପରେ ରୁଷ ପକ୍ଷରୁ ଜୋରଦାର ଆକ୍ରମଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ନାଟୋ ଦେଶର ଟ୍ରେନ ଯୋଗେ ଏଟିଏସିଏମଏସ କ୍ଷେପଣାସ୍ତ୍ରକୁ ୟୁକ୍ରେନ ପହଞ୍ଚାଇବାକୁ ଉଦ୍ୟମ କରାଯାଉଥିବାବେଳେ ତାହାକୁ ଭଣ୍ଡୁର କରିଛି ।

ରୁଷ ସିଧାସଳଖ ଏହି ଟ୍ରେନ ଉପରେ ଆକ୍ରମଣ କରିଛନ୍ତି । ପୁଟିନ ରୁଷ ଏହାର କ୍ଷେପଣାସ୍ତ୍ର ଦ୍ୱାରା ଏସିଏସିଏମଏସ ଦୂରଗାମୀ କ୍ଷେପଣାସ୍ତ୍ର ପରିବହନ କରାଯାଉଥିବା ନାଟୋ ଦେଶର ଟ୍ରେନକୁ ଉଡ଼ାଇ ଦେଇଛି । ଟ୍ରେନର୍ର କ୍ଷେପଣାସ୍ତ୍ର ମାଡ଼ ପରେ ପ୍ରଚଣ୍ଡ ବିସ୍ଫୋରଣ ଘଟିବା ସହିତ ୟୁକ୍ରେନ ଆକାଶ ଧୂଆଁମୟ ହୋଇଯାଇଥିଲା । ଆମେରିକା ପକ୍ଷରୁ ଏହି ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକୁ ପଶ୍ଚିମ ଦେଶଗୁଡ଼ିକୁ ଯୋଗାଇ ଦିଆଯାଇଥାଏ । ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ ୟୁକ୍ରେନକୁ ରୁଷ ଉପରେ ଦୂରଗାମୀ କ୍ଷେପଣାସ୍ତ୍ର ଦ୍ୱରା ଆକ୍ରମଣ ଅନୁମତି ଦେଇଥିଲେ । ଏହାପରେ ୟୁକ୍ରେନ ପକ୍ଷରୁ ଏଟିଏସିଏମଏସ ଦ୍ୱାରା ରୁଷ ଉପରେ ଆକ୍ରମଣ ଜାରି ରହିଛି । ଏହି କ୍ଷେପଣାସ୍ତ୍ର ରୁଷ ଆଭ୍ୟନ୍ତରୀଣ ଇଲାକାକୁ ଟାର୍ଗେଟ କରୁଛି । ତେଣୁ ରୁଷ ପଶ୍ଚିମ ଦେଶଗୁଡ଼ିକ ପକ୍ଷରୁ ୟୁକ୍ରେନକୁ ଯୋଗାଣ କରାଯାଉଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ବାଟରେ ଧ୍ୱଂସ କରିଦେବାକୁ ଯୋଜନା ଚଳାଇଛି ।



# ବିଏସଏଫ ସ୍ଥାପନା ଦିବସର ଶୁଭେଚ୍ଛା ଜଣାଇଲେ ମୋଦି

**ନୂଆଦିଲ୍ଲୀ,୨।୧୨(ଏଜେନସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସୀମା ସୁରକ୍ଷା ବଳର ସ୍ଥାପନା ଦିବସ ଅବସରରେ ଶୁଭକାମନା ଜଣାଇ କହିଛନ୍ତି ଯେ, ସେମାନଙ୍କ ସତର୍କତା, ସାହସ ଆମ ଦେଶର ସୁରକ୍ଷା ଓ ସଂରକ୍ଷାରେ ଯୋଗଦାନ କରିଥାଏ ।



ଏକ୍ସପୋଷ୍ଟରେ ପିଏମ ମୋଦି କହିଛନ୍ତି ଯେ, ସୀମା ସୁରକ୍ଷା ବଳକୁ ସେମାନଙ୍କ ସ୍ଥାପନା ଦିବସ ଅବସରରେ ହାର୍ଦ୍ଦିକ ଶୁଭକାମନା । ବିଏସଏଫ ପ୍ରତିରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ପଂକ୍ତି ଭାବେ ଠିଆ ହୋଇଛି, ଯେଉଁମାନେ କି ସାହସ, ସମର୍ପଣ ଓ ଅସାଧାରଣ ସେବାର ପ୍ରତୀକ ଅଟନ୍ତି । ସେମାନଙ୍କ ସତର୍କତା ଓ ସାହସ ଆମ ଦେଶର ସୁରକ୍ଷା ଓ ସଂରକ୍ଷାରେ ଯୋଗଦାନ କରିଥାଏ ।

# ଏବେ ଭାରତ ନେଉଥିବା ନୁହେଁ, ଦେଉଥିବା ଦେଶ ଅଟେ : ନଡ୍ଡା

**ଇନ୍ଦୋର,୨।୧୨(ଏଜେନ୍ସି):** କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି ଯେ, ଦିନେ ସମୟ ଏଭଳି ଥିଲା, ଯେ ଭାରତରେ ଟିଟାନସର ଔଷଧକୁ ୪୦ ବର୍ଷ, ଟିବିର ଔଷଧକୁ ୩୦ ବର୍ଷ, ଡିପଥେରିଆର ଔଷଧକୁ ୩୦ ବର୍ଷ, ଜାପାନୀ ଜ୍ୱରକୁ ଠିକ କରିବା ଔଷଧ ଆସିବାରେ ଶହେ ବର୍ଷ ଲାଗିଯାଇଥିଲା, କିନ୍ତୁ ଏବେ କରୋନାର ଦୁଇଟି ଟିକା ୯ମାସରେ ଆସିଛି । ଫଳରେ ଅନେକ ଜୀବନ ରକ୍ଷା କରାଯାଇପାରିଛି । ଆମେ ଚାଳିଶ ଦେଶକୁ ମାଗଣା କରୋନାର ଔଷଧ ଦେଇଛୁ । ଏହା ହେଉଛି ପରିବର୍ତ୍ତିତ ଭାରତ । କରୋନା ମ୍ୟାନେଜମେଂଟକୁ ଉଠାଇ ଦେଖନ୍ତୁ ।

କେନ୍ଦ୍ରମନ୍ତ୍ରୀ ନଡ୍ଡା କହିଛନ୍ତି ଯେ, ଆମେରିକାରେ ଷ୍ଟ୍ରାଇକ ହେଲା, ୟୁରୋପରେ ଲୋକେ ଲକଡାଉନ ଲଗାଇବାକୁ ରୋକିଥିଲେ, ଅନେକ ଦେଶ ଲକଡାଉଡ଼ ଲଗାଇବାକୁ ନିର୍ଦ୍ଧାରିତ କରିପାରିନଥିଲେ । ସେମାନେ ଅସମଞ୍ଜସ୍ୟରେ ଥିଲେ । କିନ୍ତୁ ଭାରତରେ ପ୍ରଥମ ଲୋକ କର୍ଫ୍ୟୁ, ତାପରେ ଲକଡାଉନ ଲଗାଯାଇଥିଲା । ଭାରତ ପିପିଇ କିଟ୍ ତିଆରି କରିଥିଲା, ଆଇସିୟୁରେ ସ୍ଥାନ ପ୍ରସ୍ତୁତ କରିଥିଲେ, ସାନିଟାଇଜର ଓ ମାସ୍କ ପ୍ରସ୍ତୁତ କରିଥିଲା । ସେତେବେଳେ ପିଏମ ମୋଦି କହିଥିଲେ ଜୀବନ ଅଛି ଏବଂ ଜଗତ ମଧ୍ୟ ଅଛି । ବିଶ୍ୱରେ ସବୁଠୁ ବଡ ଓ ସବୁଠୁ ଦ୍ରୁତ କରୋନା ଭ୍ୟାକ୍ସିନ ପ୍ରସ୍ତୁତ କରିବାର ଅଭିଯାନ ଭାରତରେ ଚାଲିଥିଲା । ଭାରତ ଏବେ ନେଲା ବାଲା ନୁହେଁ, ବରଂ ଦେଲା ବାଲା ଦେଶ ପାଲଟିସାରିଛି ।

# କାଶ ପଟେଲ ଏଫ୍‌ବିଆଇ ନିର୍ଦ୍ଦେଶକ

**ୱାଂଶିଟନ,୨।୧୨:** ଟ୍ରମ୍ପ ସରକାରରେ ହେଲା ପୁଣି ଭାରତୀୟଙ୍କ ଏଣ୍ଟ୍ରି ନବନିର୍ବାଚିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଜଣେ ଭାରତୀୟଙ୍କୁ ଦେଲେ ବଡ଼ ଦାୟିତ୍ୱ । ଭାରତୀୟ ବଂଶୋଭବ କଶ୍ୟପ ତଥା କାଶ ପଟେଲଙ୍କୁ ସେ ଏଫବିଆଇ ନିର୍ଦ୍ଦେଶକ ଭାବେ ମନୋନୀତ କରିଛନ୍ତି ।



ଶନିବାର ରାତିରେ ଡୋନାଲ୍ଡ ଟ୍ରମ୍ପ ଖୋଦ୍ ନିଜ ସୋଶାଲ ମିଡିଆ । ହ୍ୟାଣ୍ଡେଲରେ ଏନେଇ ଏକ ପୋଷ୍ଟ ସେୟାର କରି ସୂଚନା ଦେଇଛନ୍ତି ସେ ଏଥିରେ ଲେଖିଛନ୍ତି, ମୁଁ ଏହା ଘୋଷଣା କରି ବେଶ୍ ଗର୍ବିତ ଅନୁଭବ କରୁଛି ଯେ, କଶ୍ୟପ ତଥା କାଶ ପଟେଲ ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍‌ର ପରବର୍ତ୍ତୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିବେ କାଶ୍ ଜଣେ ଭଲ ଆଇନଜୀବୀ, ଅନୁସନ୍ଧାନକାରୀ ଏବଂ 'ଆମେରିକା ପ୍ରଥମ' 'ସଂଗ୍ରାମୀ, ଯିଏ ଦୁର୍ନୀତିକୁ ଉନ୍ମୋଚନ କରିବା, ନ୍ୟାୟ ରକ୍ଷା କରିବା ଏବଂ ଆମେରିକାର ଲୋକଙ୍କୁ ସୁରକ୍ଷା ଦେବାରେ ନିଜର କ୍ୟାରିୟର ଅତିବାହିତ କରିଛନ୍ତି । ବଢୁଥିବା ଅପରାଧ, ଅପରାଧିକ ଗ୍ୟାଙ୍ଗ ଓ ସୀମା ପାର୍ ଡ୍ରଗ୍ ଚୋରା ଚାଲାଣ ଭଳି ସମସ୍ୟାର ସମାଧାନ ପାଇଁ ଟ୍ରମ୍ପ ପଟେଲଙ୍କୁ ଦାୟିତ୍ୱ ଦେଇଛନ୍ତି ସେ ଆଟର୍ଣ୍ଣି ଜେନେରାଲ ପାମ ବୋଣ୍ଡିଙ୍କ ଅଧୀନରେ କାର୍ଯ୍ୟ କରିବେ ।

କାଶ ପଟେଲ ଟ୍ରମ୍ପଙ୍କ ଅତି ନିକଟତର ବୋଲି କୁହାଯାଏ ପଟେଲ ୨୦୧୭ରେ ଗୃହ ସଂସଦୀୟ ଚୟନ କମିଟିର ସଦସ୍ୟ ଥିଲେ । କାଶ ପଟେଲ ପୂର୍ବରୁ ଟ୍ରମ୍ପ ପ୍ରଶାସନରେ ପ୍ରତିରକ୍ଷା ବିଭାଗର ମୁଖ୍ୟ, ନ୍ୟାସନାଲ ଇଣ୍ଟେଲିଜେନ୍ସର ଡେପୁଟି ଡାଇରେକ୍ଟର ଏବଂ ଜାତୀୟ ସୁରକ୍ଷା ପରିଷଦରେ ଆତଙ୍କବାଦ ନିରୋଧୀ ବରିଷ୍ଠ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି । କେବଳ ସେତିକି ନୁହେଁ ଭାରତରେ ରାମ ମନ୍ଦିର ନିର୍ମାଣ ସମ୍ପର୍କରେ ଦେଇଥିବା ବିବୃତ୍ତି ପାଇଁ ମଧ୍ୟ ପଟେଲ ବେଶ୍ ଚର୍ଚ୍ଚାରେ ଥିଲେ ।

# ଅଣ୍ଡର ୧୯ ଏସିଆ କପ: ଭାରତର ଏକତରଫା ବିଜୟ

## ମହମ୍ମଦ ଅମନଙ୍କ ଶତକ, ଭାରତ ୬/୩୩୯, ଜାପାନ ୮/୧୨୮

ଦୁବାଇ,୨।୧୨: ୟୁଏଇରେ ଚାଲିଥିବା ଅଣ୍ଡର ୧୯ ଏସିଆ କପରେ ପ୍ରଥମ ବିଜୟ ହାସଲ କରିଛି ଭାରତ। ପ୍ରଥମ ମ୍ୟାଚ୍‌ରେ ଚୀର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଠାରୁ ହାରିଥିବା ଭାରତୀୟ ଟିମ ଆଜି ଅପେକ୍ଷାକୃତ ଦୁର୍ବଳ ଜାପାନକୁ ଏକତରଫା ଭାବେ ହରାଇ ଦେଇଛି। ୩୪୦ ରନର ବିଶାଳ ଟାର୍ଗେଟକୁ ପିଛା କରୁଥିବା ଜାପାନ ୫୦ ଓଭରରେ ୮ ୱିକେଟ ହରାଇ କେବଳ ୧୨୮ ରନ କରିପାରିଛି। ଭାରତ ଏହି ମ୍ୟାଚକୁ ୨୧୧ ରନରେ ଜିତି ପଏଣ୍ଟ ଟେବୁଲରେ ଖାତା ଖୋଲି ପାରିଛି ତଥାପି ନିଜ ଗ୍ରୁପରେ ଦଳ ତୃତୀୟ ସ୍ଥାନରେ ରହିଛି।

୨ଟି ମ୍ୟାଚ୍‌ରୁ ଦୁଇଟି ବିଜୟ ସହ ପାକିସ୍ତାନ ୧ ନଂରେ ଥିବା ବେଳେ ୟୁଏଇ ଦ୍ୱିତୀୟ ସ୍ଥାନରେ ଓ ଭାରତ ତୃତୀୟ ସ୍ଥାନରେ ରହିଛି। ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଭାରତ ମୁକାବିଲା ୟୁଏଇ ସହ ହେବ। ଏହି ମ୍ୟାଚର ବିଜେତା ସେମି ଫାଇନାଲକୁ ଯିବ।ଜାପାନ ବିପକ୍ଷ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତୀୟ ଟିମ ଅଧିନାୟକ ମହମ୍ମଦ ଅମନଙ୍କ ଅପରାଜିତ ୧୨୨ ରନ, ଆୟୁଷ ମହାତ୍ରେଙ୍କ ୫୪ ଓ କେପି କାର୍ତ୍ତିକେୟଙ୍କ ୫୭ ରନ ବଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୩୯ ରନ କରିଥିଲା। ଆଇପିଏଲରେ ସର୍ବକନିଷ୍ଠ ଖେଳାଳି ଭାବେ ୧.୧୦ କୋଟି ଟଙ୍କାରେ କିଣା ହୋଇଥିବା ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଜି ପୁଣି ସମସ୍ତଙ୍କୁ ନିରାଶ କରିଛନ୍ତି। ସେ ପାକିସ୍ତାନ ବିପକ୍ଷରେ ୧ ରନ କରିଥିବା ବେଳେ ଆଜି ୨୩ ରନ କରି ଆଉଟ ହୋଇଛନ୍ତି।ତଥାପି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୩୩୯ ରନ କରିନେଇଥିଲା।୩୪୦ ରନର ପିଛା କରୁଥିବା ଦୁର୍ବଳ ଜାପାନ ୫୦ ରନରେ ପ୍ରଥମ ୱିକେଟ ହରାଇଥିଲା। ନିହାର ପାରମର ୧୪ ରନ ଆଉଟ ହୋଇଥିଲେ। ଜାପାନର ଅଧିନାୟକ କୋଜି ଆବେ ଖାତା ଖୋଲି ପାରି ନଥିବା ବେଳେ କାଜୁମା କାଟୋ ଷ୍ଟାଫୋର୍ଡ କେବଳ ୮ ରନ କରିଥିଲେ। ଓପନର ହୁଗୋ କେଲୀ ୫୦ ରନ କରିଥିଲେ ହେଁ ହାର୍ଦ୍ଦିକ ରାଜଙ୍କ ବଲରେ ଷ୍ଟମ୍ପିଂ ହୋଇଯାଇଥିଲେ। ଚାର୍ଲସ ହିଞ୍ଜେ ଶେଷ ଯାଏ ଅପରାଜିତ ରହି ୩୫ ରନର ଇନିଂସ ଖେଳିଥିଲା ବେଳେ ତାଙ୍କୁ ଅନ୍ୟମାନେ କେହି ବି ସାଥ ଦେଇ ନଥିଲେ। ଟି ମୋରେ ୧, ଆଦିତ୍ୟ ଫାଡେକ ୯, କେ ଲେକ ୧ ଓ ମାକ୍ସ ଲିନ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲେ।

ଜାପାନ ସେତେଟା ଆଖିଦୃଶିଆ ବ୍ୟାଟିଂ କରି ନଥିଲେ ହେଁ ଭାରତୀୟ ବୋଲରମାନେ ଅଲଆଉଟ କରିବାକୁ ସକ୍ଷମ ହୋଇ ନଥିଲେ। ଜାପାନ ପୂରା ୫୦ ଓଭର ବ୍ୟାଟିଂ କରିବା ସହ ୮ ୱିକେଟ ହରାଇ ୧୨୮ ରନ କରିଛି। ଭାରତ ପକ୍ଷରୁ ଚେତନ ଶର୍ମା, ହାର୍ଦ୍ଦିକ ରାଜ ଓ କେପି କାର୍ତ୍ତିକେୟ ୨ଟି ଲେଖାଏ ୱିକେଟ ନେଇଥିଲାବେଳେ ଯୁଦ୍ଧଜିତ ଗୁହା ଗୋଟିଏ ସଫଳତା ପାଇଛନ୍ତି। ଗୋଟିଏ ୱିକେଟ ରନ ଆଉଟରୁ ମିଳିଛି।



# ଇଣ୍ଡିଜ ବୋଲରଙ୍କ କଞ୍ଜୁସି ବୋଲିଂ

କିଙ୍ଗସ୍‌ଟନ,୨।୧୨: ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଇତିହାସ ରଚିଛନ୍ତି ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ଜାୟଡେନ ସିଲ୍ସ। ସେ ପୁରୁଷ ଟେଷ୍ଟରେ ସବୁଠାରୁ କଞ୍ଜୁସି ବୋଲିଂ କରି ନିଜ ନାଁକୁ ରେକର୍ଡ ବୁକରେ ସାମିଲ କରିଛନ୍ତି।

ସିଲ୍ସ ଟେଷ୍ଟ କ୍ରିକେଟରେ ସବୁଠାରୁ କଞ୍ଜୁସ ବୋଲର ବା ସବୁଠାରୁ କମ ରନ ଖର୍ଚ୍ଚ କରିଥିବା ଖେଳାଳିଙ୍କ ତାଲିକାର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ ଏପରି କୀର୍ତ୍ତିମାନ ହାସଲ କରିବା ସହ ବାଂଲାଦେଶ ବିପକ୍ଷରେ ୪ ୱିକେଟ ମଧ୍ୟ ଦଖଲ କରିଛନ୍ତି।

ସିଲ୍ସ ୧୫.୫ ଓଭରରେ ୧୦ଟି ମେଡେନ ନେବା ସହ କେବଳ ୫ ରନ ଦେଇଛନ୍ତି। ଏହି ଘାତକ ବୋଲିଂ ଜରିଆରେ ସେ ବାଂଲାଦେଶର ୪ ଜଣ ବ୍ୟାଟରଙ୍କୁ ମଧ୍ୟ ଆଉଟ କରିଛନ୍ତି । ୨୩ ବର୍ଷୀୟ ସିଲ୍ସଙ୍କ ଇକୋନୋମୀ ରେଟ ୦.୩୦ ରହିଛି।୧୯୬୩-୬୪ ପର ଠାରୁ କୌଣସି ବୋଲର ଟେଷ୍ଟ କ୍ରିକେଟରେ ଏପରି କଞ୍ଜୁସି ବୋଲିଂ କରି ନଥିଲେ।

ଏକବିଂଶ ଶତାବ୍ଦୀରେ ସବୁଠାରୁ କଞ୍ଜୁସି ବୋଲିଂର ରେକର୍ଡ ଉମେଶ ଯାଦବଙ୍କ ନାଁରେ ରହିଥିଲା ସେ ୨୦୧୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ୨୧ ଓଭର ବୋଲିଂ କରି ୧୬ଟି ମେଡେନ ନେବା ସହ କେବଳ ୯ ରନ ଦେଇଥିଲେ ତାଙ୍କ ଖାତାକୁ ୩ଟି ୱିକେଟ ମଧ୍ୟ ଯାଇଥିଲା। ଉମେଶଙ୍କ ଇକୋନୋମୀ ରେଟ ୦.୪୨ ରହିଥିଲା। ହେଲେ ସିଲ୍ସ ଏବେ ତାଙ୍କୁ ଅତିକ୍ରମ କରି ଯାଇଛନ୍ତି।

ଉମେଶଙ୍କ ବ୍ୟତୀତ ଏକବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆର ନାଥନ ଲାୟନ ସବୁଠାରୁ କଞ୍ଜୁସି ବୋଲିଂ କରିଥିଲେ ସେ ୨୦୧୪-୧୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ୨୨ ଓଭରରେ ୧୭ଟି ମେଡେନ ନେବା ସହ ୧୭ ରନ ଦେଇଥିଲେ ତାଙ୍କୁ କୌଣସି ୱିକେଟ ମିଳି ନଥିଲେ ହେଁ ତାଙ୍କ ଇକୋନୋମୀ ରେଟ ୦.୪୫ ରହିଥିଲା।

ଅନ୍ୟପକ୍ଷରେ ଟେଷ୍ଟ କ୍ରିକେଟରେ ସବୁଠାରୁ କଞ୍ଜୁସି ବୋଲିଂର ରେକର୍ଡ ଭାରତର ବାପୁ ନଦକରିନଙ୍କ ନାଁରେ ରହିଛି ସେ ୧୯୬୩-୬୪ରେ ଇଂଲଣ୍ଡ ବିପକ୍ଷ ଚେନ୍ନାଇ ଟେଷ୍ଟରେ ୩୨ ଓଭର ବୋଲିଂ କରି ୨୭ଟି ମେଡେନ



ନେବା ସହ କେବଳ ୫ ରନ ଦେଇଥିଲେ। ତାଙ୍କ ଇକୋନୋମୀ ରେଟ ୦.୧୫ ରହିଥିଲା ଏବେ କଞ୍ଜୁସି ବୋଲିଂ ରାଙ୍କିଂର ଦ୍ୱିତୀୟ ସ୍ଥାନରେ ସେଲ୍ସ ରହିଛନ୍ତି।

ତୃତୀୟ ସ୍ଥାନରେ ଇଂଲଣ୍ଡର ଜିମ ଲାକେର ୦.୩୭(୧୯୫୬-୫୭), ୪ର୍ଥରେ ଅଷ୍ଟ୍ରେଲିଆର ଜିମ ବୁରକେ ୦.୪୫(୧୯୫୭-୫୮), ୫ମରେ ଇଂଲଣ୍ଡର ଡାଭିନ ଆଲେନ ୦.୪୨(୧୯୬୫-୬୬), ୬ଷ୍ଠରେ ଭାରତ ଉମେଶ ଯାଦବ ୦.୪୨(୨୦୧୫-୧୬), ୭ମରେ ଭାରତର ମନିନ୍ଦର ସିଂହ(୧୯୮୬), ୦.୪୩, ୮ମରେ ଇଂଲଣ୍ଡର ଜିମ ଲାକେର ୦.୪୪(୧୯୫୬), ୯ମରେ ଇଂଲଣ୍ଡର ଡେରେକ ଅଣ୍ଡରଉଡ ୦.୪୪ (୧୯୬୮) ଓ ୧୦ମରେ ନାଥନ ଲାୟନ ୦.୪୫(୨୦୧୪୦୧୫) ରହିଛନ୍ତି।

### କୁମାରବସ୍ତ ଲୋକନାଥ କ୍ରିକେଟ୍

# ଯାଆଁଳା ଓ କଳିଙ୍ଗ ଖୋର୍ଦ୍ଧା ବିଜୟୀ

ଖୋର୍ଦ୍ଧା,୨।୧୨: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଉଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୁଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡିଆ।ର ଆଜି ୯ମ ଦିବସରେ ପ୍ରଥମ ମ୍ୟାଚ୍ ରେ ଯାଆଁଳା ଦଳ ପାନ ବରଜ ଦଳ କୁ ୬ ୱିକେଟ ରେ ପରାସ୍ତ କରିଛି ।ପାନ ବରଜ ଦଳ ପ୍ରଥମେ ବ୍ୟାଟିଂ କରି ୧୪୩ ରନ କରିଥିଲେ। ଦଳ ପକ୍ଷରୁ ସମରେନ୍ଦ୍ର ମହାନ୍ତି ୯୨ରନ୍ ଓ କରନ୍ ଦୀପ ପଟ୍ଟନାୟକ ଙ୍କ ୪୦ ରନ୍ କରିଥିଲେ। ଜବାବରେ ଯାଆଁଳା ଦଳ ଅଭିମନ୍ୟୁ ସ୍ୱାଇଁ ଙ୍କ ୮୧ ରନ୍ ବଳରେ ମାତ୍ର ୯.୫ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲେ। ଦ୍ୱିତୀୟ ମ୍ୟାଚ୍ ରେ କଳିଙ୍ଗ ଖୋର୍ଦ୍ଧା ଦଳ ମାର୍ଥାପୁର ଦଳକୁ ୫ ୱିକେଟ୍ ରେ ପରାସ୍ତ କରିଛି। ମାର୍ଥାପୁର ଦଳ ପ୍ରଥମେ ବ୍ୟାଟିଂ କରି ଦୁଷ୍ମନ୍ତ ମିଶ୍ର ଙ୍କ ୪୯ ରନ ଓ ସୁନିଲ ରାଉତ ଙ୍କ ୪୦ ରନ୍ ସହାୟତାରେ ୧୮ ଓଭର ରେ ୭ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରି ଥିଲେ। ସ୍ୱାଧୀନ ପାଇକରାୟ ୩ ଟି ୱିକେଟ୍ ନେଇଥିଲେ। ଜବାବରେ କଳିଙ୍ଗ



ଖୋର୍ଦ୍ଧା ଦଳ ୧୭ ଓଭର ରେ ୫ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲେ। ଦଳ ତରଫରୁ ଏମ ଡି ତବ୍ରିଜ୍ ୫୭ ରନ୍ , ଟୁନୁ ଖଟୁଆ। ୪୬ ଓ ସ୍ୱାଧୀନ ପାଇକରାୟ ୪୫ ରନ୍ କରିଥିଲେ। ଅତିଥି ଅବକାଶ କହଲ୍ଙ୍କ ପ୍ରଥମ ମ୍ୟାଚ୍ ର ଶ୍ରେଷ୍ଠ ଅଭିମନ୍ୟୁ ସ୍ୱାଇଁଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍ ରେ ଅତିଥି ରବି ନାରାୟଣ ପ୍ରଧାନ ଶ୍ରେଷ୍ଠ ଖେଳାଳି ଭାବେ ସ୍ୱାଧୀନ ପାଇକରାୟ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ , ସାନୁଜ ବିଶ୍ୱାଳ,ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଦୋଷ ବଳିଆରସିଂହ ପରିଚାଳନା କରିଥିଲେ। କାଜଲ ବଳିଆରସିଂ ଓ ଅମିୟ ପ୍ରଧାନ ମ୍ୟାଚ୍ ରେଫରୀ,ସ୍କୋରର ଭାବେ ରଂଜନ ବରାଳ , ଅମ୍ଳାନ ରାଉତରାୟ, ସିବଦତ ବଡ଼ଜେନା ଓ ଜନ୍ମେଜୟ ଛୋଟରାୟ ଥିଲେ ସଂଯୋଜକ ଭାବେ ଶ୍ରଧାକର ପାତ୍ର ଏବଂ ସଂଜୟ ପାଇକରାୟ କାର୍ଯ୍ୟ କରିଥିଲେ। ମଙ୍ଗଳବାର ଦିନ ପ୍ରଥମ ମ୍ୟାଚ୍ ଭଳିଆବାଡି ବନାମ ବାଙ୍କୁଆଳ ଓ ଦ୍ୱିତୀୟ ମ୍ୟାଚ୍ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ୍, କୁମାରବସ୍ତ ବନାମ ଭଳିଆବାଡି କ୍ରିକେଟ୍ କ୍ଲବ୍ ଖୋର୍ଦ୍ଧା ମଧ୍ୟରେ ହେବ ବୋଲି ବନ ବିହାରୀ ସ୍ୱାଇଁ ଜଣାଇଛନ୍ତି।

# ସୋଏବ ଅଖତାରଙ୍କ ବିବାଦୀୟ ବୟାନ

ନୂଆଦିଲ୍ଲୀ,୨।୧୨: ପାକିସ୍ତାନର ପୂର୍ବତନ ଷ୍ଟାର କ୍ରିକେଟର ଶୋଏବ ଅଖତର ଏକ ପାକିସ୍ତାନୀ ଚ୍ୟାନେଲରେ ବିବାଦୀୟ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ, ତୁମକୁ ହୋଷ୍ଟିଂ ରାଇଟ୍ସ ଏବଂ ରାଜସ୍ୱ ପାଇଁ ଟଙ୍କା ଦିଆଯାଉଛି, ସେଥିରେ କିଛି ସମସ୍ୟା ନାହିଁ। ଆମେ ବୁଝିପାରୁଛୁ ପାକିସ୍ତାନର ଆଭିମୁଖ୍ୟ ମଧ୍ୟ ସମ୍ପୂର୍ଣ୍ଣ ଠିକ୍ ଥିଲା। ଭାରତୀୟ ଖେଳାଳି କାହିଁକି ପାକିସ୍ତାନ ଆସିପାରିନଥାନ୍ତେ ? ଭାରତ ଯାଅ ଏବଂ ସେଠାରେ ସେମାନଙ୍କୁ ମାରିକି (ମ୍ୟାଚରେ ହରାଇକି) ଆସ। ତାଙ୍କର ଏଭଳି ବୟାନକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଯେତେବେଳେ ଆମ ଦେଶରେ ଆମେ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ କରିବାକୁ ପ୍ରସ୍ତୁତ ଅଛୁ ଏବଂ ଭାରତୀୟ ଖେଳାଳିଆସିବାକୁ ଚାହୁଁନାହାନ୍ତି, ଏଭଳି କ୍ଷେତ୍ରରେ ଆଇସିସି ଅଧିକ ହାରରେ ଆମ ସହିତ ରାଜସ୍ୱ ବାଣ୍ଟିବା ଉଚିତ। ଆଉ ରହିଲା ଭାରତ ଯାଇ ଖେଳିବା କଥା, ମୋ ହିସାବରେ ଆମକୁ ନିଜ ଆଡୁ ବନ୍ଧୁତାର ହାତ ବଢ଼ାଇ ଭାରତ ଯିବା ଉଚିତ ଏବଂ ସେଠାରେ ଖେଳିବା ଉଚିତ।

# ପାକିସ୍ତାନର ସର୍ତ୍ତ ମାନିବାକୁ ବିସିସିଆଇ ଅରାଜି

ଦୁବାଇ,୨।୧୨: ଚାମ୍ପିଅନ୍ସ ଟ୍ରଫି ୨୦୨୫ ଖେଳିବା ପାଇଁ ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିବା ପରେ ଏହାକୁ ନେଇ ବିଭିନ୍ନ ପ୍ରକାରର ରିପୋର୍ଟ ପ୍ରକାଶ ପାଇବାରେ ଲାଗିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ବିବାଦକୁ ନେଇ ଆଇସିସି ଚାପରେ ରହିଛି।

ବିବାଦର ସମାଧାନ ପାଇଁ ଆଇସିସି ପକ୍ଷରୁ ପିସିବିକୁ ହାଇବ୍ରିଡ ଫର୍ମୁଲା ଦିଆଯାଇଛି। ଏହି ଫର୍ମୁଲା ଅନୁଯାୟୀ ଚାମ୍ପିଅନ୍ସ ଟ୍ରଫିରେ ଭାରତ ତା ମ୍ୟାଚ୍‌ଗଡ଼ିକ ପାକିସ୍ତାନ ବଦଳରେ ଦୁବାଇରେ ଖେଳିବ।

ଏକାଧିକ ରିପୋର୍ଟରେ ଦାବି କରାଯାଇଛି ଯେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏହି ନିଷ୍ପତ୍ତିକୁ ମାନିବାକୁ ପ୍ରସ୍ତୁତ ହେଲେ ଏହା ପାଇଁ ପାକିସ୍ତାନ କିଛି ସର୍ତ୍ତ ରଖିଛି। ଯଦି



ଚାମ୍ପିଅନ୍ସ ଟ୍ରଫିରେ ଭାରତ ଦୁବାଇରେ ମ୍ୟାଚ୍ ଖେଳିବ, ତାହେଲେ ଭବିଷ୍ୟତରେ ଭାରତ ଆୟୋଜନ କରୁଥିବା ସମସ୍ତ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ମଧ୍ୟ ନିରପେକ୍ଷ ଭେନ୍ୟୁରେ ଖେଳିବ। ସେହିପରି ପିସିବିକୁ ବର୍ଦ୍ଧିତ ବାର୍ଷିକ ରାଜସ୍ୱ ମିଳିବ ବୋଲି ଆଇସିସି ଲିଖିତ ଭାବେ ପ୍ରତିଶ୍ରୁତି ଦେଉ ବୋଲି ପାକିସ୍ତାନ ଚାହୁଁଛୁ। କିନ୍ତୁ ବିବାଦର ସମାଧାନ ପାଇଁ ପାକିସ୍ତାନ ଦେଇଥିବା ପ୍ରସ୍ତାବକୁ ବିସିସିଆଇ ମାନିବାକୁ ନାରାଜ। ଯଦି ଆଇସିସି ପକ୍ଷରୁ ପିସିବିର ସର୍ତ୍ତକୁ ଗ୍ରହଣ କରାଯାଏ, ତାହେଲେ ଭବିଷ୍ୟତରେ ଭାରତ ଆୟୋଜନ କରୁଥିବା କୌଣସି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଫାଇନାଲକୁ ଯିବ, ତେବେ ଉକ୍ତ ମ୍ୟାଚ୍ ଭାରତ ବାହାରକୁ ଚାଲିଯିବ ଏହା ହିଁ ବିସିସିଆଇ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପିସିବିର ଜଣେ ଅଧିକାରୀ କହିଛନ୍ତି, ଆମେ ଉପଯୁକ୍ତ ପ୍ରସ୍ତାବ ଦେଉଛୁ। ଯଦି ଭାରତ ଆମ କଥା ମାନିବ ନାହିଁ, ତାହେଲେ ଆମେ ମଧ୍ୟ ଟିମକୁ ଭବିଷ୍ୟତରେ ସେଠାକୁ ପଠାଇବୁ ବୋଲି ସେମାନେ ଆଶା କରନ୍ତୁ ନାହିଁ। ଯଦି କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟ ଭାରତରେ ହେବ, ତାହେଲେ ଫାଇନାଲ କିମ୍ବା ପ୍ରମୁଖ ମ୍ୟାଚ୍‌ଗୁଡ଼ିକ ସେମାନେ ମଧ୍ୟ ଦୁବାଇରେ ଖେଳିବେ ଏହା ହିଁ ଏକମାତ୍ର ସମାଧାନର ରାସ୍ତା

ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ନେଇ ବିବାଦ ଲାଗି ରହିଥିବା ବେଳେ ପିସିବି ଅଧ୍ୟକ୍ଷ ମୋହସିନ ନକଭୀଙ୍କ କହିବା କଥା ଯେ ଟୁର୍ଣ୍ଣାମେଣ୍ଟକୁ ହାଇବ୍ରିଡ ମଡେଲରେ ଆୟୋଜନ କରିବା ନିଶ୍ଚିତ ଭାବେ ଉପଯୁକ୍ତ ଫର୍ମୁଲା ନୁହେଁ କିନ୍ତୁ କୌଣସି ନୂଆ। ରାସ୍ତା ବାହାର କରାଯାଏ, ତାହେଲେ ଏହା ଦୁଇ ପକ୍ଷଙ୍କ ପାଇଁ ସମାନ ହେବା ଉଚିତ।

### କିଟ୍‌ରେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ବାଇଲାଟେରାଲ୍ କ୍ରିକେଟ ଶୃଙ୍ଖଳା ଉଦ୍‌ଘାଟିତ

# ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ୫ ରନ୍‌ରେ ବିଜୟୀ

ଭୁବନେଶ୍ୱର,୨।୧୨: କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ବାଇଲାଟେରାଲ୍ କ୍ରିକେଟ୍ ଶୃଙ୍ଖଳା ଆଜି ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା କ୍ରିକେଟ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ହେଉଥିବା ଏହି କ୍ରିକେଟ୍ ଶୃଙ୍ଖଳାକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ପ୍ରଥମ ଥର ଲାଗି କିଟ୍ ବିଶ୍ୱବିଦ୍ୟାଳୟରେ ଏଭଳି ବାଇଲାଟେରାଲ୍ କ୍ରିକେଟ୍ ଶୃଙ୍ଖଳା ଆୟୋଜିତ ହେଉଥିବା ବେଳେ ଏଥିରେ ଭାରତ ଓ ଅଷ୍ଟ୍ରେଲିଆ ଯୋଗ ଦେଇଛନ୍ତି। ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲିଆର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ବଛାବଛା ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଶୃଙ୍ଖଳାରେ ଡିସେମ୍ବର ୨ ଓ ୩ ତାରିଖରେ ତିନୋଟି ଟି-୨୦ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଡିସେମ୍ବର ୫ ତାରିଖରେ ୫୦ ଓଭର ବିଶିଷ୍ଟ ଗୋଟିଏ ଦିନିକିଆ ମ୍ୟାଚ୍ ଖେଳାଯିବ। କିଟ୍ ପକ୍ଷରୁ ସମସ୍ତ ଖେଳାଳି, କୋଚ ଓ ଅଫିସିଆଲଙ୍କ ରହିବା ଓ ଆତିଥ୍ୟ ପ୍ରଦାନ କରାଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର କ୍ରୀଡ଼ା ଯୁଗ୍ମ ସମ୍ପାଦକ ପ୍ରଫେସର ବଳଜିତ୍ ସିଂହ ଶେଖାଓଁ, ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂଘର କାର୍ଯ୍ୟକାରିଣୀ ସଦସ୍ୟ ତଥା ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଚେୟାର ଡାଭିଡ୍ ଆଷ୍ଟନ ସମୁଦ୍ ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଆଜି ଭାରତ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୪୯ ରନ୍ ସଂଗ୍ରହ କରିଥିବା ବେଳେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ବିନିମୟରେ ୧୪୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୫ ରନ୍‌ରେ ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ଦଳର ଅଧିନାୟକ କାଭି ସାଇନିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଆସନ୍ତା କାଲି ଉଭୟ ଦଳ ମଧ୍ୟରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ସକାଳ ୯.୩୦ ଓ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ଗୋଟିଏ ଲେଖାଏଁ ଟି-୨୦ ମ୍ୟାଚ୍ ଖେଳାଯିବ।

# ବାଦ୍ ପଡ଼ିଲେ ଦ. ଆଫ୍ରିକା ପେସର କୋଏଜି

ଦୁବାଇ,୨।୧୨: ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ବଡ଼ ଝଟକା ଲାଗିଛି। ଦ୍ୱିତୀୟ ଟେଷ୍ଟରୁ ବାଦ ପଡ଼ିଛନ୍ତି ଦଳର ଷ୍ଟାର ଦ୍ରୁତ ବୋଲର ଗେରାଲ୍ଡ କୋଏଜି। କେବଳ ଶ୍ରୀଲଙ୍କା ନୁହେଁ, ଡିସେମ୍ବର ୧୦ରୁ ଜାନୁଆରୀ ୭ ଯାଏ ପାକିସ୍ତାନ ବିପକ୍ଷ ଟି-୨୦, ଦିନିକିଆ ଓ ଟେଷ୍ଟ ସିରିଜରେ ମଧ୍ୟ ସେ ନଜର ଆସିବେ ନାହିଁ।

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ କୋଏଜି ନଜର ଆସିଥିଲେ। ତେବେ ଏହି ମ୍ୟାଚ୍ ଅଧାରେ ସେ ଜଙ୍ଘ ଜନିତ ସମସ୍ୟାରେ ପଡ଼ିଥିଲେ। ପ୍ରଥମ ଟେଷ୍ଟର ୪ର୍ଥ ଦିନରେ କୋଏଜି ବୋଲିଂ କରୁଥିବା ବେଳେ ଅସହଜ ଅନୁଭବ କରିଥିଲେ। ଏହାପରେ ସେ ପଡ଼ିଆ। ବାହାରକୁ ଯାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସ୍କାନ କରାଯାଇଥିଲା।ଏହି ସମୟରେ ଜଣାପଡ଼ିଛି ଯେ ତାଙ୍କ ଡାହାଣ ପଟ ଜଙ୍ଘର ଶୀରାରେ ସମସ୍ୟା ଦେଖାଯାଇଛି। ଏଥିରୁ ମୁକୁଳିବା ପାଇଁ ତାଙ୍କୁ ୪ରୁ ୬ ସପ୍ତାହ ସମୟ ଲାଗିଛି ଏହାର ଅର୍ଥ ସେ ୬ ସପ୍ତାହ ଯାଏ କ୍ରିକେଟରୁ ଦୂରେଇ ରହିବେ ଜାନୁଆରୀ ୯ରୁ ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ ଆରମ୍ଭ ହେଉଛି ଜୋବର୍ଗ ସୁପର କିଙ୍ଗସ ପକ୍ଷରୁ ଖେଳୁଥିବା କୋଏଜି ଏମଆଇ କେପ ଟାଉନ ବିପକ୍ଷ ଜାନୁଆର ୧୧ ମ୍ୟାଚ୍ ମଧ୍ୟ ଖେଳିବେ ନାହିଁ। କୋଏଜି ବାଦ ପଡ଼ିଥିବାରୁ ତାଙ୍କ ସ୍ଥାନରେ ଯୁବ ବୋଲର କ୍ୱେନା ଏଫାକାଙ୍କୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ସାମିଲ କରାଯାଇଛି ଡିସେମ୍ବର ୫ରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗରେ ରହିଛି।

## ଆଜିଠୁ... (ପ୍ରଥମ ପୃଷ୍ଠାରୁ)

(ପ୍ରଥମ ପୃଷ୍ଠାରୁ)

ବାଦାମପାହାଡ଼ ସ୍ଥିତ ରଙ୍ଗାମାଟିଆ ଅସ୍ଥାୟୀ ହେଲିପ୍ୟାଡରେ ପୂର୍ବାହ୍ନ ୧୧ଟା ୦୫ମିନିଟରେ ଅବତରଣ କରିବେ ରାଷ୍ଟ୍ରପତି। ସେଠାରୁ ସଡକପଥରେ ନିଜ ଜନ୍ମଗାଁ ଉପରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଭାବବିନିମୟ କରିବେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ। ୧୨.୦୫ରେ ସେଠାରୁ ବାହାରି ଉପରବେଡା ସ୍ଥିତ ପୈତୃକ ଘରେ ପହଞ୍ଚି ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ସହ ରାଷ୍ଟ୍ରପତି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ୧୨.୩୦ମିନିଟ ରେ ଉପରବେଡା ରୁ ବାହାରି ସଡ଼କପଥ ରେ ରାଇରଙ୍ଗପୁର ସ୍ଥିତ ଗେଷ୍ଟ ହାଉସ ଠାରେ ପହଞ୍ଚି ମଧ୍ୟାହ୍ନ ଭୋଜନ କରିବେ ରାଷ୍ଟ୍ରପତି। ଅପରାହ୍ନ ୩ଟା ସମୟରେ ସେଠାରୁ ବାହାରି ରାଇରଙ୍ଗପୁର ସ୍ଥିତ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ପହଞ୍ଚି ନିଜ ସ୍ୱାମୀ ଓ ୨ପୁତ୍ରଙ୍କ ସ୍ମୃତିରେ ସ୍ଥାପନ କରିଥିବା ଏସ.ଏଲ୍.ଏସ୍. ଟ୍ରଷ୍ଟ ପକ୍ଷରୁ ଏକ ଆମ୍ବୁଲାନ୍ସ ଡାକ୍ତରଖାନାକୁ ହସ୍ତାନ୍ତର କରିବା ସହ ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହାପରେ ଅପରାହ୍ନ ୪ଟା ସମୟରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟଠାରେ ପହଞ୍ଚି ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ସହ ଭାବବିନିମୟ କରିବେ। ସେଠାରୁ ବାହାରି ଅପରାହ୍ନ ୪ଟା ୫୦ମିନିଟ ସମୟରେ ରାଇରଙ୍ଗପୁର ସ୍ଥିତ ପୁଣ୍ୟେଶ୍ୱର ଶିବମନ୍ଦିରଠାରେ ନୂତନ ଭାବେ ସ୍ଥାପିତ ଗଣେଶ ମୂର୍ତ୍ତିକୁ ଉନ୍ମୋଚନ କରିବେ ଏବଂ ଆଳତି କରିବେ ପରେ ନିଜ ବାସଭବନକୁ ଆସି ରାତ୍ରୀଯାପନ କରିବେ।

ଡିସେମ୍ବର ୭ ତାରିଖ ଶନିବାର ପୂର୍ବାହ୍ନ ୧୦ଟାରେ ରାଇରଙ୍ଗପୁର ନିଜ ବାସଭବନରୁ ବାହାରି ଦଣ୍ଡବୋଷ ହେଲିପ୍ୟାଡରୁ ହେଲିକ୍ୟାପ୍ଟର ଯୋଗେ ଆସି ୧୦ଟା ୪୫ମିନିଟ ସମୟରେ ବାଙ୍ଗରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିବେ ଯହେଲିପ୍ୟାଡରୁ ପୂର୍ବାହ୍ନ ୧୧ଟା ସମୟରେ ବାହାରି ବାଙ୍ଗରିପୋଷୀ ରେଳଷ୍ଟେସନ ସ୍ଥିତ ସଭାସ୍ଥଳରେ ପହଞ୍ଚିବେ ରାଷ୍ଟ୍ରପତି।ବାଙ୍ଗରିପୋଷୀ ସଭାସ୍ଥଳରେ ବାଙ୍ଗରିପୋଷୀ-ଗୋରୁମହିଷାଣି, ବୁଢାମରା-ଚାକୁଳିଆ, ବାଦାମପାହାଡ-କେନ୍ଦୁଝର,ତିନୋଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତ ସ୍ଥାପନ କରିବା ସହ ଭର୍ଚ୍ଚୁଆଲ ମୋଡରେ ରାଇରଙ୍ଗପୁର ଠାରେ ଆଦିବାସୀ ରିସର୍ଚ୍ଚ ସେଣ୍ଟର, ରାଇରଙ୍ଗପୁର ଦାଣ୍ଡବୋଷ ବିମାନବନ୍ଦର ଉନ୍ନତିକରଣ, ରାଇରଙ୍ଗପୁର ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ଏକ ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତ ରଖିବେ ରାଷ୍ଟ୍ରପତି। ମଧ୍ୟାହ୍ନ ୧୨ଟା ୧୫ମିନିଟରେ ବାଙ୍ଗରିପୋଷି ସଭାସ୍ଥଳରୁ ବାହାରି ବାୟୁସେନାର ହେଲିକ୍ୟାପ୍ଟର ଯୋଗେ ପଶ୍ଚିମବଙ୍ଗ ସ୍ଥିତ କଲେଇକୁଣ୍ଡା ଏୟାରବେସରେ ପହଞ୍ଚି ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀ ଯାତ୍ରା କରିବେ। ଏନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ଜାରି କରାଯାଇଛି।

## ୩ ମାସ...

ପଦବୀ ଖାଲି ପଡ଼ିଛି। ସେହିପରି ଅଗ୍ନିଶମ ବିଭାଗରେ ୪୮୧ ପଦବୀ ଖାଲି ରହିଥିବାବେଳେ ୨୪୧୬ ହୋମଗାର୍ଡ ପଦବୀ ମଧ୍ୟ ଖାଲି ରହିଛି । କାରାଗାର ଏବଂ ଉପକାରାଗାରଗୁଡ଼ିକରେ ୮୬୨ ପଦବୀ ଖାଲି ପଡିଛି। ତେଣୁ ପଦବୀ ଗୁଡିକରେ ନିଯୁକ୍ତି ପାଇଁ ଚୟନ ଓ ପଦୋନ୍ନତି ଭିତ୍ତିରେ ପଦବୀ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ପୁଲିସ ଆଧୁନିକୀକରଣ, ମାଓବାଦୀ ଦମନ, ଅପରାଧ ନିରାକରଣ, ପାଇଁ କେନ୍ଦ୍ର ସରକାର ୨ ବର୍ଷରେ ରାଜ୍ୟ ପୁଲିସ ବିଭାଗକୁ ବିଭିନ୍ନ ଯୋଜନାରେ ମୋଟ ୧୬୬.୪୯୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମାଓବାଦୀ ପ୍ରଭାବିତ ଇଲାକାରେ ଭିତ୍ତିଭୂମି ନିର୍ମାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ନିରାପତ୍ତା, ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ପୁନଃଥଇଥାନ ବାବଦରେ ଏହା ଖର୍ଚ୍ଚ କରାଯାଉଛି। ପୁଲିସ ବିଭାଗର ଆଧୁନୀକିକରଣ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହେଉଛି । ବିଜେଡି ବିଧାୟକ ଅଧୀରାଜ ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜୁନ୍ ୧୦ରୁ ନଭେମ୍ବର ୨୨ତାରିଖ ମଧ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସାର ମୋଟ ୯୨୪୮ଟି ମାମଲା ରୁଜୁ ହୋଇଛି। ଏହି ଅବଧି ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ଏଭଳି ସର୍ବାଧିକ ୬୩୮ଟି ମାମଲା ଏବଂ କଟକ ଅର୍ବାନ୍ ଓ ରୁରାଲରେ ମୋଟ ୬୯୧ଟି ମମଲା ରୁଜୁ ହୋଇଛି ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୪ଜଣ ମହିଳାଙ୍କୁ ହତ୍ୟା କରାଯାଇଥିବାବେଳେ ଭଦ୍ରକ ଓ କେନ୍ଦୁଝରରେ ୧୧ଜଣ ଲେଖାଏଁ, ଗଞ୍ଜାମରେ ୧୦ଜଣ ମହିଳାଙ୍କୁ ହତ୍ୟା କରାଯାଇଛି। ବାଲେଶ୍ୱରରେ ସର୍ବାଧିକ ୫ଜଣ ମହିଳା ଯୌତୁକଜନିତ ପ୍ରାଣ ହରାଇଛନ୍ତି।ଦୁଷ୍କର୍ମର ମୋଟ ୫୦୬ଟି ମାମଲା, ପୋକ୍ସୋ ଆକ୍ଟ ସମେତ ମାଇନର ରେପ୍ ଘଟଣାର ମୋଟ ୭୬୯ଟି ମାମଲା ମଧ୍ୟ ରୁଜୁ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

# ପୁରୁଷ ଜୁନିୟର ଏସିଆ କପ୍ ହକି ସେମିରେ ଭାରତ

ନୂଆଦିଲ୍ଲୀ,୨।୧୨: ପୁରୁଷ ଜୁନିୟର ଏସିଆ କପ୍ ହକିରେ ଟିମ୍ ଇଣ୍ଡିଆ। ଅପରାଜେୟ ସହ ସେମି ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ମାଲେସିଆକୁ ଭେଟିବ ଦଳ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ପାକିସ୍ତାନ ଏବଂ ଜାପାନ ମଧ୍ୟରେ ଖେଳାଯିବ। ରବିବାର ଭାରତୀୟ ଦଳ ପୁଲ୍ -ଏର ଅନ୍ତିମ ମ୍ୟାଚରେ ଦକ୍ଷିଣ କୋରିଆକୁ ୮-୧ ଗୋଲରେ ମାତ ଦେଇ ସେମିରେ ସ୍ଥାନ ପକ୍କା କରିଥିଲା।



ପୁଲ୍ ପର୍ଯ୍ୟାୟର ୪ଟି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ। ଅପରାଜେୟ ରହିଛି ମୋଟ୍ ୧୨ ପଏଣ୍ଟ ସହ ଦଳ ଟେବୁଲ ଟପ୍‌ରେ ରହିଛି । ସେହିପରି ଜାପାନ ୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସପଟେ ପୁଲ୍ ବିରେ ପାକିସ୍ତାନ ୧୨ ପଏଣ୍ଟ ସହ ଟପ୍ପର ଏବଂ ମାଲେସିଆ। ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା । ଏଥିସହିତ ଏହି ୪ ଦଳ ୨୦୨୫ ଜୁନିୟର ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ରବିବାର ମ୍ୟାଚରେ ଭାରତୀୟ ଦଳ ଦକ୍ଷିଣ କୋରିଆକୁ ଏକତରଫା ଭାବେ ମାତ ଦେଇଥିଲା ଅର୍ଶଦୀପ ସିଂ ହ୍ୟାଟ୍ରିକ୍ ଗୋଲ୍ ଦେଇ ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ସେ ୯, ୪୪, ୬୦ ମିନିଟରେ ଗୋଲ୍ ସ୍କୋର କରିଥିଲେ। ସେହିପରି ଅରଇଜିତ ହୁଣ୍ଡାଲ ୩ ଓ ୩୭ ମିନିଟରେ, ଗୁରଜୋତ ସିଂ ୧୧ ମିନିଟରେ, ରୋଶନ କୁଜୁର ୨୭ ମିନିଟରେ ଏବଂ ୩୦ ମିନିଟରେ ରୋହିତ ଗୋଲ୍ ସ୍କୋର କରିଥିଲେ।। ପୂର୍ବରୁ ଭାରତ ୧୬-୦ରେ ଚାଇନିଜ ତାଇପେଇକୁ, ୩-୨ରେ ଜାପାନକୁ ଏବଂ ୧୧-୦ରେ ଥାଇଲାଣ୍ଡକୁ ପରାଜିତ କରିଥିଲା। ଅର୍ଶଦୀପ ଏ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୭ଟି ଗୋଲ୍ ସ୍କୋର କରିବାରେ ସଫଳ ହୋଇଛନ୍ତି ସେମିତି ଅରଇଜିତ ୬ଟି ଗୋଲ୍ ଦେଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ